


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୧ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 MARCH 2025
Vol.No. 36 ■ No.75 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ ଫର୍ମାଟରେ ଉପଲବ୍ଧ...
website : sagarika.in.net

## ଛତିଶଗଡରେ ବଡ଼ ଧରଣର ମାଓ ଅପରେସନ
## ୨୪ ମାଓବାଦୀଙ୍କ ପ୍ରାଣହାନି, ଜଣେ ଯବାନ ସହିଦ

ଛତିଶଗଡ଼, ୨୦/୩: ଓଡ଼ିଶା ସୀମାନ୍ତ ଛତିଶଗଡ଼ର ବିଜାପୁର ଓ ଦାନ୍ତେୱାଡାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨୪ ଜଣ ମାଓବାଦୀଙ୍କ ପ୍ରାଣହାନି ଘଟିଥିବା ଜଣାଯାଇଛି। ଭିନ୍ନ ଭିନ୍ନ ଅପରେସନରେ ବିଜାପୁରରେ ୨୦ ଓ କାଙ୍କେରରେ ୪ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଏହି ଅପରେସନ ବେଳେ ଡିଆରଜିର ଜଣେ ଯବାନ ଅବଶ୍ୟ ସହିଦ ହୋଇଛନ୍ତି। ଯେଉଁଠି ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା, ସେହି ସ୍ଥାନରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଓଡ଼ିଶା ସୀମାନ୍ତ ଛତିଶଗଡ଼ର ବିଜାପୁର ଓ ଦାନ୍ତେୱାଡାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨୪ ଜଣ ମାଓବାଦୀଙ୍କ ପ୍ରାଣହାନି ଘଟିଥିବା



ଜଣାଯାଇଛି। ଭିନ୍ନ ଭିନ୍ନ ଅପରେସନରେ ବିଜାପୁରରେ ୨୦ ଓ କାଙ୍କେରରେ ୪ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଏହି ଅପରେସନ ବେଳେ ଡିଆରଜିର ଜଣେ ଯବାନ ଅବଶ୍ୟ ସହିଦ ହୋଇଛନ୍ତି। ଯେଉଁଠି ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା, ସେହି ସ୍ଥାନରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସୂଚନା ମୁତାବକ ଗୁରୁବାର ସକାଳେ ସୁରକ୍ଷାକର୍ମୀଙ୍କ ୨ଟି ଟିମ୍ ବିଜାପୁର ଓ ଦାନ୍ତେୱାଡା ନିକଟ ଗଙ୍ଗାଲୁର ଥାନା ଅଞ୍ଚଳରେ ନକ୍ସଲ ବିରୋଧୀ ଅପରେସନ ଆରମ୍ଭ କରିଥିଲେ। ଅପରେସନ ବେଳେ ସୁରକ୍ଷାକର୍ମୀଙ୍କ ଉପରକୁ ହଠାତ୍ ମାଓବାଦୀମାନେ ଗୁଳି ଚଳାଇଥିଲେ। ଏହାର ଜବାବରେ ସୁରକ୍ଷାକର୍ମୀମାନେ ଗୁଳି ଚଳାଇଥିଲେ। ସୂଚନା ମୁତାବକ ଗୁରୁବାର ସକାଳେ ସୁରକ୍ଷାକର୍ମୀଙ୍କ ୨ଟି ଟିମ୍ ବିଜାପୁର ଓ ଦାନ୍ତେୱାଡା ନିକଟ ଗଙ୍ଗାଲୁର ଥାନା ଅଞ୍ଚଳରେ ନକ୍ସଲ ବିରୋଧୀ ଅପରେସନ ଆରମ୍ଭ କରିଥିଲେ। ଅପରେସନ ବେଳେ ସୁରକ୍ଷାକର୍ମୀଙ୍କ ଉପରକୁ ହଠାତ୍ ମାଓବାଦୀମାନେ ଗୁଳି ଚଳାଇଥିଲେ। ଏହାର ଜବାବରେ ସୁରକ୍ଷାକର୍ମୀମାନେ ଗୁଳି ଚଳାଇଥିଲେ। ଏହି ଗୁଳିବିନିମୟରେ ୨୪ ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଯବାନ ସହିଦ ହୋଇଛନ୍ତି।

## ବିହାର ବିଜେପିକୁ ଝଟକା: ପଦରୁ ଇସ୍ତଫା ଦେଲେ ୪ ଦଳୀୟ ନେତା

ନୂଆଦିଲ୍ଲୀ, ୨୦/୩ : ବିହାରରେ ବିଜେପିକୁ ବଡ ଝଟକା ଲାଗିଛି। ନିଜ ପଦରୁ ଇସ୍ତଫା ଦେଇଛନ୍ତି ଦଳର ୪ଜଣ ନେତା। ଚଳିତ ବର୍ଷ ଶେଷ ଆଡକୁ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ସମୟରେ, ଦଳୀୟ ନେତାମାନଙ୍କ ମଧ୍ୟରେ ମତଭେଦ ଦେଖିବାକୁ ମିଳିଛି। ନୱାଡାରେ, ବିଜେପିର ଚାରି ଜଣ ଜିଲ୍ଲା ସ୍ତରୀୟ ନେତା ସେମାନଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ମାର୍ଚ୍ଚ ୧୮ରେ, ନୱାଡାରେ ବିଜେପି ଜିଲ୍ଲା ପଦାଧିକାରୀଙ୍କ ତାଲିକା ପ୍ରକାଶିତ ହୋଇଥିଲା। ଏହା ପରେ, ଏବେ ଅନେକ ନେତା ତାଙ୍କ ପଦକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକୃତରେ, ନୱାଡାରେ ଦଳର ନୂତନ କାର୍ଯ୍ୟକାରିଣୀ କମିଟିର ୨୬ ଜଣିଆ ତାଲିକା ପ୍ରକାଶ କରାଯାଇଛି। ଇସ୍ତଫା ଦେଇଥିବା ଲୋକଙ୍କ ମଧ୍ୟରେ ଗୌରବ



ଶାଣ୍ଡିଲ, ନନ୍ଦକିଶୋର ଚୌରାସିଆ, ପ୍ରମୋଦ ଚନ୍ଦ୍ରବଂଶୀ ଏବଂ ଅନ୍ନପୂର୍ଣ୍ଣା କପୁର ସାମିଲ ଅଛନ୍ତି। ନୂତନ ତାଲିକା ଅନୁଯାୟୀ, ଗୌରବ ଶାଣ୍ଡିଲଙ୍କୁ ଜିଲ୍ଲା ମୁଖପାତ୍ର ଦାୟିତ୍ୱ ଦିଆଯାଇଥିଲା। ନନ୍ଦକିଶୋର ଚୌରାସିଆଙ୍କୁ ମିଡିଆ ପ୍ରଭାରୀ କରାଯାଇଥିଲା। ପ୍ରମୋଦ ଚନ୍ଦ୍ରବଂଶୀଙ୍କୁ ଜିଲ୍ଲା ଉପାଧ୍ୟକ୍ଷ କରାଯାଇଥିଲା ବେଳେ ଜଣେ ମହିଳା ଅନ୍ନପୂର୍ଣ୍ଣା କପୁରଙ୍କୁ ମନ୍ତ୍ରୀ ପଦ ଦିଆଯାଇଥିଲା। ଗୌରବ ଶାଣ୍ଡିଲ କହିଛନ୍ତି, ସେ ରାଜୌଲି ବ୍ଲକ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିଲେ, କିନ୍ତୁ ପ୍ରକାଶିତ ତାଲିକାରେ ତାଙ୍କୁ ବାଦ୍ ଦିଆଯାଇଛି। ସେଥିପାଇଁ ସେ ତାଙ୍କ ପଦବୀରୁ ଇସ୍ତଫା ଦେଉଛନ୍ତି। ସେ କହିଛନ୍ତି, ସେ ରାଜ୍ୟ ସଭାପତିଙ୍କୁ ଭେଟିବେ ଏବଂ ତା'ପରେ ପରବର୍ତ୍ତୀ ନିଷ୍ପତ୍ତି ନେବେ। ସେ ଏହା ମଧ୍ୟ କହିଛନ୍ତି ଯେ ତାଙ୍କର ସମସ୍ତ ସମର୍ଥକ ବହୁ ସଂଖ୍ୟାରେ ଏକାଠି ଇସ୍ତଫା ଦେଇପାରିବେ। ନନ୍ଦକିଶୋର ଚୌରାସିଆ, ଯିଏକି ଜଣେ ବରିଷ୍ଠ ନେତା, ସେ କହିଛନ୍ତି, ପ୍ରକାଶିତ ୨୬ ଜଣଙ୍କ ତାଲିକାକୁ ବାତିଲ କରାଯିବା ଉଚିତ। ▶▶ପୃଷ୍ଠା ୭

## ରୋଚକ ମୋଡରେ ନବ ଦାସ ହତ୍ୟା ମାମଲା: ମୂଳରୁ ଆରମ୍ଭ ହେଲା ତଦନ୍ତ

ଭୁବନେଶ୍ୱର, ୨୦/୩ (ନି.ପ୍ର): ନବ ଦାସ ହତ୍ୟାକାଣ୍ଡରେ ଲାଗାତର ତୃତୀୟ ଦିନରେ କ୍ରାଇମବ୍ରାଞ୍ଚର ଛାନଭିନ୍। ତଦନ୍ତକାରୀ ଟିମ୍ ବ୍ରଜରାଜନଗର ଗାନ୍ଧି ଛକ ସ୍ଥିତ କ୍ରାଇମ୍ସ୍ପଟ୍‌ରେ ପଂହଚି ସ୍ଥିତି ଅନୁଧାନ କରିଛି। ଏଥିସହ ଗାନ୍ଧି ଛକରେ ଥିବା ଗୋପାଳ ଦାସ ଭାଇଙ୍କ ହୋଟେଲର ମାଲିକଙ୍କୁ ପଚରାଉଚରା କରିଛି। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଂହଚି ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡୋଲାମଣି ପଟେଲଙ୍କ ସହ ଏକାଧିକ ଡାକ୍ତର ଓ କର୍ମଚାରୀଙ୍କ ବୟାନ ରେକର୍ଡ କରିଛି। ଡାକ୍ତର ଜିତେନ ପଟେଲ ନବ ଦାସଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡାରୁ ଭୁବନେଶ୍ୱରର ଘରୋଇ ହସ୍ପିଟାଲକୁ



ଆଣିଥିଲେ। ତେଣୁ ତାଙ୍କ ବୟାନ ବିଶେଷ ଗୁରୁତ୍ୱ ରଖୁଛି। ପୂର୍ବ ତଦନ୍ତରେ ଡୋଲାମଣି ପଟେଲଙ୍କ ସମେତ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀଙ୍କ ବୟାନ ରେକର୍ଡ ହୋଇନଥିଲା। ତେଣୁ ପ୍ରଶ୍ନ ଉଠୁଛି ଡାକ୍ତରଙ୍କ ବୟାନ ପୂର୍ବରୁ କାହିଁକି ରେକର୍ଡ ହୋଇନଥିଲା? ଜାଣିଶୁଣି କରାଯାଇନଥିଲା ନା ଅନ୍ୟ କିଛି ଉଦ୍ଦେଶ୍ୟ ଥିଲା? ସେପଟେ ନବ ଦାସଙ୍କ ଇସିଜି ରିପୋର୍ଟ ଗାଏବ ହୋଇଯାଇଛି ବୋଲି ନୂଆ ଅଭିଯୋଗ ଆଣିଛନ୍ତି ମୁଖ୍ୟ ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ। ନବଦାସ ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସିବିଆଇ ତଦନ୍ତ ପାଇଁ ଦାବି କରିସାରିଛନ୍ତି ତାଙ୍କ ପରିବାର ସଦସ୍ୟ। ଦୋଷୀଙ୍କୁ ଧରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝି ପ୍ରତିଶ୍ରୁତି ବି ଦେଇଛନ୍ତି। ଏବେ ସରକାର କ୍ରାଇମବ୍ରାଞ୍ଚର ତଦନ୍ତରେ ଅଟକିବେ ନା ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବେ ତାହା ହିଁ ସବୁଠାରୁ ଉତ୍କଣ୍ଠାର ବିଷୟ ହୋଇଛି।

## କୁଆଡ଼େ ଗଲା କିଟ୍ ତଦନ୍ତ ରିପୋର୍ଟ?: ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିରୋଧୀ ବିଧାୟକ

ଭୁବନେଶ୍ୱର, ୨୦/୩ (ନି.ପ୍ର): କିଟ୍ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଓ ଏହା ପରବର୍ତ୍ତୀ ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଗଠନ କରିଥିବା ଉଚ୍ଚସ୍ତରୀୟ କମିଟିକୁ ମାସେ ପୂରିଲାଣି। ଏହାରି ଭିତରେ ଟିମ୍ ଗ୍ରାଉଣ୍ଡକୁ ଯିବା ସହ ୩ଟି ପର୍ଯ୍ୟାୟରେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସଂସ୍ଥାର ୧୭ ଜଣ ଅଧିକାରୀ ଏବଂ ୩ ଜଣ ଛାତ୍ରଛାତ୍ରୀଙ୍କୁ ବି ପଚାର ଉଚରା କରିଛି। ହେଲେ ସେ ତଦନ୍ତର ଏବେ ସ୍ଥିତି କ'ଣ, କାହିଁକି ରିପୋର୍ଟ ସାର୍ବଜନୀନ କରାଯାଉନି ତାକୁ ନେଇ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ବିଧାୟକ। କୁଆଡ଼େ ଗଲା କିଟ୍ ତଦନ୍ତ



ରିପୋର୍ଟ? କେବେ ହେବ କାର୍ଯ୍ୟାନୁଷ୍ଠାନ? ଉଚ୍ଚସ୍ତରୀୟ କମିଟି ତଦନ୍ତର ଏବେ ସ୍ଥିତି କ'ଣ? ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ବିଧାୟକ। ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ବିଧାୟକ ସାରଦା ଜେନା ଉଠାଇଥିଲେ ସମାନ ପ୍ରଶ୍ନ। ଯେଉଁ ଘଟଣା ପାଇଁ ନେପାଳ ଏବଂ ଭାରତ ସଂପର୍କ ଖରାପ ହେଲା, ଆମକୁ କ୍ଷମା ପ୍ରାର୍ଥନା କରିବାକୁ ପଡ଼ିଲା, ଉଚ୍ଚସ୍ତରୀୟ କମିଟି ହେଲା ସେ ରିପୋର୍ଟର ଭାଗ୍ୟ କ'ଣ?

## ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ଦିଲୀପ ରାୟ

ଭୁବନେଶ୍ୱର, ୨୦/୩ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଦିଲୀପ ରାୟ ଭେଟିଛନ୍ତି। ଏହି ଅବସରରେ ଶ୍ରୀ ରାୟ ଓଡ଼ିଶା ଓ ରାଉରକେଲାର ବିକାଶ ପାଇଁ ଏକାଧିକ ପ୍ରସଙ୍ଗ ଉଠାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଏହି ସୂଚନା ଦେଇଛନ୍ତି। ଶ୍ରୀ ରାୟ ବିଭିନ୍ନ ପ୍ରସଙ୍ଗକୁ ଭିତି କରି ଏକ ଚିଠିରେ ଦାବି ଉଲ୍ଲେଖ କରିଛନ୍ତି। ଏଥି ସହିତ ସେ ତାଙ୍କର ଦାବି ପୂରା ହେବ ବୋଲି ଆଶା କରାଛନ୍ତି। ପୂର୍ବତଟ ରେଳପଥ ଅଧୀନରେ ରାଉରକେଲା ଠାରେ ଏକ ନୂତନ ରେଳ ଡିଭିଜନ ପ୍ରତିଷ୍ଠା ପାଇଁ ଦିଲୀପ ରାୟ ▶▶ପୃଷ୍ଠା ୭

## ଆଜିଠୁ ସକାଳୁଆ ସ୍କୁଲ୍: ସାଢ଼େ ୧୦ରେ ସରିବ କ୍ଲାସ୍

ଭୁବନେଶ୍ୱର, ୨୦/୩ (ନି.ପ୍ର): ଖରାକୁ ଦୃଷ୍ଟିରେ ରଖି ସ୍କୁଲ୍ ପରିବର୍ତ୍ତନ କରିଛନ୍ତି ରାଜ୍ୟ ସରକାର। ଆସନ୍ତାକାଲିଠୁ ହେବ ସକାଳୁଆ ସ୍କୁଲ୍। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଜାରି ହୋଇଛି। ସକାଳ ୬ଟା ୩୦ରୁ ଆରମ୍ଭ ହୋଇ ୧୦ଟା ୩୦ରେ ସରିବ ସ୍କୁଲ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଲାଗୁ ହେବ। ସୂଚନା ଅନୁସାରେ ଏପ୍ରିଲ ୨ରୁ ରାଜ୍ୟରେ ସକାଳୁଆ ସ୍କୁଲ୍ ହେବ ବୋଲି ଗତକାଲି ସରକାର ସୂଚନା ଦେଇଥିଲେ। ତେବେ ଆସନ୍ତାକାଲିଠୁ ରାଜ୍ୟରେ ତତ୍ କ୍ଷଣାତ ସକାଳୁଆ



ସ୍କୁଲ ଲାଗୁ ନେଇ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି ଗଣଶିକ୍ଷା ସଚିବ। ସେପଟେ ଗତକାଲି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଜିଠାରୁ ସକାଳୁ ଅଙ୍ଗନବାଡ଼ି କେନ୍ଦ୍ର ଆରମ୍ଭ ହୋଇଛି। ▶▶ପୃଷ୍ଠା ୭

## ଓଡ଼ିଶାର ମୁଖ୍ୟ ମହାଡାକପାଳ ଭାବେ ନିର୍ମଳଜିତ ସିଂଙ୍କ ନିଯୁକ୍ତି

ଭୁବନେଶ୍ୱର, ୨୦/୩ (ନି.ପ୍ର): ୧୯୯୭ ବ୍ୟାଚର ବରିଷ୍ଠ ଭାରତୀୟ ଡାକ ସେବା ଅଧିକାରୀ ନିର୍ମଳଜିତ ସିଂ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ଭାବେ ନିଯୁକ୍ତ ହୋଇଛନ୍ତି। ଶ୍ରୀ ସିଂଙ୍କର ଭାରତୀୟ ଡାକ ସେବା କ୍ଷେତ୍ରରେ ଜାଜ୍ଜ୍ୱଲ୍ୟମାନ କ୍ୟାରିଅର ରହିଛି। ସେ ଓଡ଼ିଶା ଡାକ ପରିମଣ୍ଡଳରେ ଅଭିନବ ନେତୃତ୍ୱ ଓ ପରିଚାଳନାଗତ ଉତ୍କର୍ଷତା ଆଣିପାରିବେ ବୋଲି ଆଶା କରାଯାଉଛି। ନୂତନ ଭୂମିକାରେ ▶▶ପୃଷ୍ଠା ୭

## କଟକରେ ହେବ ନୂଆ ବିମାନବନ୍ଦର

କଟକ, ୨୦/୩ (ନି.ପ୍ର): ପୁଣିଥରେ ଉଠିଲା ପୁରୁଣା ଦାବି। କଟକ ଚୌଦ୍ୱାରର ଚାରବାଟିଆରେ ଏକ ବେସାମରିକ ବିମାନବନ୍ଦର ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ତେବେ ଏହି ଦାବିକୁ ମଙ୍ଗଳବାର ଦିନ ପୁଣିଥରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ନିକଟରେ ଉପସ୍ଥାପନ କରିଛନ୍ତି କଟକର ବିଜେପି ସାଂସଦ ଭର୍ତ୍ତୃହରି ମହତାବ। ଏହି ଚାରବାଟିଆ ଐତିହାସିକ ଏୟାରଷ୍ଟ୍ରିପ୍ କଟକର ୧୨ କିଲୋମିଟର ଉତ୍ତରରେ ଚୌଦ୍ୱାର ନିକଟରେ ଅବସ୍ଥିତ। ଏହା ଦ୍ୱିତୀୟ



ବିଶ୍ୱଯୁଦ୍ଧ ସମୟରେ ଆମେରିକୀୟ ସେନା ଦ୍ୱାରା ନିର୍ମିତ ହୋଇଥିଲା। ପରେ ଏହା ଭାରତୀୟ ବାୟୁସେନା ଦ୍ୱାରା ବ୍ୟବହୃତ ହୋଇଥିଲା। ଏହାକୁ ବର୍ତ୍ତମାନ ପ୍ରତିରକ୍ଷା ମନ୍ତ୍ରାଳୟ ଅଧୀନରେ ବିମାନ ଗବେଷଣା କେନ୍ଦ୍ର ଦ୍ୱାରା ପରିଚାଳିତ କରାଯାଉଛି। ଏହା ପାରାଦୀପ ବନ୍ଦର, କଳିଙ୍ଗନଗରର ଇସ୍ପାତ କାରଖାନା ଏବଂ ନାଲକୋ ଟାଉନସିପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଶିଳ୍ପାଞ୍ଚଳର ନିକଟରେ ରହିଥିବାରୁ ବ୍ୟବସାୟ ଆର୍ଥିକ ଦୃଷ୍ଟିକୋଣରୁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଛନ୍ତି ମହତାବ। ଚାରବାଟିଆ ଏୟାରଷ୍ଟ୍ରିପରେ ଇଜଉ ଦ୍ୱାରା ପରିଚାଳିତ ସୁବିଧାରେ ୪.୯ କିଲୋମିଟର ରନୱେ ରହିଛି। ଯାହା ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ରନୱେ ଲମ୍ବର ଦୁଇଗୁଣ। ଫଳରେ ଏହା ବଡ଼ ବଡ଼ ବିମାନ ପରିଚାଳନା କରିବା ପାଇଁ ସମ୍ପୂର୍ଣ୍ଣ ସକ୍ଷମ। ପ୍ରତିରକ୍ଷା କ୍ଷେତ୍ରରେ ଏହାର ଭୂମିକା ରହିଛି। ଏହା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ମାତ୍ର ୩୩ କିଲୋମିଟର ଦୂରରେ ଅବସ୍ଥିତ। ▶▶ପୃଷ୍ଠା ୭

## କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଭଣଜାଙ୍କୁ ଗୁଳିମାଡ଼: ବିହାରର ଭାଗଲପୁରରେ ପାଣି ବିବାଦକୁ ନେଇ ଗୁଳିମାଡ଼

ନୂଆଦିଲ୍ଲୀ, ୨୦/୩ : ଗୁଳିକାଣ୍ଡରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଭଣଜା ମୃତ, ଅନ୍ୟଜଣେ ଭାଇ ଏବଂ ମାଆ ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି। ବିହାରର ନଭଗଛିଆରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ଦୁଇ ଭଣଜାଙ୍କ ମଧ୍ୟରେ ଗୁଳି ବିନିମୟର ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାରେ ଜଣେ ଭଣଜାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଅନ୍ୟ ଭାଇ ଏବଂ ମାଆ ଆହତ ହୋଇଛନ୍ତି। ପାରସ୍ପରିକ ବିବାଦ ଯୋଗୁଁ ଉଭୟ ପକ୍ଷରୁ ଗୁଳିଚାଳନା ହୋଇଥିଲା। ନଭଗଛିଆ ପୋଲିସ କହିଛି ଯେ ପାଣି ପାଇଁ ବିବାଦକୁ ନେଇ ଦୁଇ ଭାଇ ବିଶ୍ୱଜିତ ଏବଂ ଜୟଜିତଙ୍କ ମଧ୍ୟରେ ଗୁଳିଚାଳନା ହୋଇଥିଲା।



ଏହି ଘଟଣାରେ ବିଶ୍ୱଜିତଙ୍କ ଗୁଳି ବାଜିବାରୁ ମୃତ୍ୟୁ ହୋଇଥିଲା। ଅନ୍ୟଜଣେ ଭାଇ ଜୟଜିତ ଏବଂ ମା' ହିନା ଦେବୀ ଆହତ ହୋଇଛନ୍ତି। ଉଭୟଙ୍କୁ ଭାଗଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ବିଶ୍ୱଜିତ ଯାଦବ ଏବଂ ଜୟଜିତ ଯାଦବ ଉଭୟ ନଭଗଛିଆର ଜଗତପୁର ଗାଁରେ ଗୋଟିଏ ଘରେ ଏକାଠି ରହୁଥିଲେ। ବିଶ୍ୱଜିତ ବଡ଼ ଥିଲେ ଏବଂ ଜୟଜିତ ସାନ ଥିଲେ। ଦୁହେଁ ଚାଷ କରି ଜୀବିକା ନିର୍ବାହ କରୁଥିଲେ। କୁହାଯାଉଛି ଯେ ନଳକୂପ ପାଣିକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା, ଯାହା ପରେ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ▶▶ପୃଷ୍ଠା ୭

## ମୋତେ ଅପମାନିତ କର ପଛେ, ପଶ୍ଚିମବଙ୍ଗକୁ କର ନାହିଁ: ମମତା

ନୂଆଦିଲ୍ଲୀ, ୨୦/୩ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମାର୍ଚ୍ଚ ୨୨ରେ ଲଣ୍ଡନ ଯାଉଛନ୍ତି। ତାଙ୍କୁ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଇଛି। ଏହା ପରେ ସେ ସେଠାରେ ଆହୁରି ଅନେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ▶▶ପୃଷ୍ଠା ୭



# ଅଙ୍ଗନବାଡି କର୍ମୀଙ୍କ ନାମରେ ଜିଲ୍ଲାପାଳଙ୍କୁ ଅଭିଯୋଗ

ମାଲକାନଗିରି ,୨୦/୩ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଝରାପାଲି ପଞ୍ଚାୟତ ଅନ୍ତର୍ଗତ କନାଗୁଡା ଗ୍ରାମର ଅଙ୍ଗନବାଡି କର୍ମୀ ଶ୍ରୀମତୀ ଶ୍ରୀତି ଢାଲି ଉକ୍ତ ଗ୍ରାମର ଜଣେ ବିଧବା ମହିଳା ରତ୍ନା ପଡିଆମୀ ଙ୍କ ଠାରୁ ଲେବର କାର୍ଡ ରେ ତାଙ୍କ ସ୍ୱାମୀଙ୍କ ଇନ୍ସୁରାନ୍ସ ଟଙ୍କା ୧ଲକ୍ଷ ମିଳାଇ ଦେବା ପାଇଁ କହି ତାଙ୍କଠାରୁ ସମସ୍ତ କାଗଜପତ୍ର ନେଇ ୧ ବର୍ଷ ତଳେ ନେଇ ଲେବର ଅଫିସରେ ଦାଖଲ କରିଥିଲେ । ଗତ ତା ୧୬/୧/୨୦୨୪ ରିଖରେ ୧ଲକ୍ଷ ଟଙ୍କା ତାଙ୍କ ଜମା ଖାତାରେ ଆସିଥିବା ଜାଣି ଅଙ୍ଗନବାଡି କର୍ମୀ ରତ୍ନା ଙ୍କୁ ୧୮/୧/୨୦୨୪ରିଖ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ପଦ୍ମଗିରି ଶାଖାକୁ ଡାକି ନେଇ ସମସ୍ତ ଟଙ୍କା ଉଠାଇ ତାଙ୍କୁ ୪୦ ହଜାର ଦେଇଥିଲେ ଓ ବଳକା ବଡ ଅଫିସର ଙ୍କୁ ଦେବା ପାଇଁ କହି ରଖିଥିଲେ ଏବଂ ଏହାକୁ କାହାକୁ ନ କହିବାକୁ କହିଥିଲେ କିନ୍ତୁ ଏହି କଥା ଗ୍ରାମର କିଛି ଭଦ୍ର ବ୍ୟକ୍ତି ଜାଣିବା ପରେ ଅଙ୍ଗନବାଡି କର୍ମୀ ତାଙ୍କୁ ଗାଳିଗୁଲଜ କରି ସେ କିଛି ଟଙ୍କା ରଖିନଥିବା କଥା କହି ଫାଙ୍କି ଦେଇଥିଲେ । ଏମିତିକି ଉକ୍ତ ଅଙ୍ଗନବାଡି କର୍ମୀ ଉକ୍ତ ଗ୍ରାମର ଅନ୍ୟ ୫୦ ରୁ ଉର୍ଦ୍ଧ ଲୋକଙ୍କଠାରୁ ଲେବର କାର୍ଡ କରାଇଦେବା ପାଇଁ ଜଣ ପିଛା ୭୦୦ଟ ଙ୍କାଲେଖାଏଁ ଆଦାୟ କରି ୧ବର୍ଷ ହେଲା ନେଇଯାଇଥିବା କଥା ମଧ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।ଏନେଇ ରତ୍ନା ପଡିଆମୀ,ବିଜୟ ମାଡକାମୀ, ମୁକୁନ୍ଦ ପଡିଆମୀ,ଚନ୍ଦ୍ର ପଡିଆମୀ ପ୍ରମୁଖ ୫୦ ରୁ ଉର୍ଦ୍ଧ ଗ୍ରାମବାସୀ ମାନେ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଜଣାଇଛନ୍ତି ।

## ବାୟାଗୁଡା ଜଙ୍ଗଲରେ ଅବକାରି ଚଢାଉ

ଜୟପୁର,୨୦/୩ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ବାୟାଗୁଡା ଜଙ୍ଗଲରେ ଆଜି ଅବକାରି ଚଢାଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ଜୟପୁର ଅବକାରି ଥାନା ପକ୍ଷରୁ ଚଢାଉ କରାଯାଇଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ମଦ ଭାଟି ଭଙ୍ଗିବା ସହ ୫ଶହ ଲିଟର ପୋଚ ଓ ୨୫ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି ।

# ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଟ୍ରାକ୍ଟର ମାଲିକ ସଂଘ

ଜୟପୁର,୨୦/୩ (ନି.ପ୍ର): ଜୟପୁର ଟ୍ରାକ୍ଟର ମିଲିକ ସଂଘ ଆଜି ଜୟପୁର ଉପ ଜିଲାପାଳ ଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ନମ୍ରତା ଗରତୀଆ ଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଟ୍ରାକ୍ଟର ମାଲିକ ମାନଙ୍କୁ ନ୍ୟାୟ ଦେବା ପାଇ ଅନୁରୋଧ କରାଯାଇଛି । ୭ ଦିନ ହେବ ଟ୍ରାକ୍ଟର ରାସ୍ତା ଗଡୁ ନାହିଁ । ବାଲି ଗୁଡି ଓ ଇଟା କେ ଦେଖିବା ମାତ୍ର ୬୦ ହଜାର ଟଙ୍କା ଜୋରିମାନା କରାଯାଇ ସିଜ କରାଯାଉଛି । ଡ୍ରାଇଭର କୁ ଗିରଫ କରାଯାଉଛି । ଜୟପୁର ରେ ୧୫୦ରୁ ଉଦ୍ଧ ଟ୍ରାକ୍ଟର ମାଲିକ ରହିଥିବା ବେଳେ ତାଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି । ଶ୍ରମିକ. ଡ୍ରାଇଭର ଖର୍ଚ୍ଚ, ଡିଜେଲ ବାଦେ ୫ ଶହ ଟଙ୍କା ରେ ଗୁଜୁ ରାଣ ମେଂଟାଉଛି । ଟ୍ରାକ୍ଟର ମାଲିକ ମାନେ ଋଣ କାରି ଟ୍ରାକ୍ଟର ଆଣିଥିବା ବେଳେ ପ୍ରଶାସନ ଟ୍ରାକ୍ଟର କୁ ଗଡାଇ ଦେଉ ନାହାଁନ୍ତି । ସଂଘ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଟ୍ରାକ୍ଟର ମାଲିକ ମାନେ ଦ୍ୱାରସ୍ଥ ହୋଇଛନ୍ତି । ତେଣୁ ପୋଲିସ ଓ ପ୍ରଶାସନ ହାରାସମେଂଟ ନକରି ନ୍ୟାୟ ଦେବା ପାଇ ଦାବି କରାଯାଇଛି । ଏହା ଦ୍ୱାରା ବର୍ତମାନ ବିକାଶ କାଯ୍ୟ ଠପ ହୋଇ ପଡିଛି । ଆବାସ ଯୋଜନା ର ଘର ନିର୍ମାଣ ହୋଇ ପାରି ନାହିଁ । ରାସ୍ତା ଘାଟ ନିର୍ମାଣ ନହୋଇ ଅଧ ପନ୍ତରିଆରେ ପଡି ରହିଛି । ଆଉ ମାତ୍ର ୨ ମାସ ପରେ ବର୍ଷା ଦିନ ଆସିବ । ସାଧାରଣ ଜନତା ହଇରାଣ ହରକତ ହେବେ। ଏଥି ପ୍ରତି ରାଜ୍ୟ ସରକାର ଗୁଗୁତ୍ୱଦେବାକୁ ଦାବି ହୋଇଛି । ଏହି ଦାବି ପତ୍ରରନ ନକଲ ଜିଲାପାଳ କୋରାପୁଟ, ମାଇନିଙ୍ଗ ଅଫିସର ଜୟପୁର, ଏସପି କୋରାପୁଟ, ଜୟପୁର ଟାଉନ ଥାନା ଅଧିକାରି, ବିଧାୟକ ଜୟପୁର ଙ୍କୁ ପ୍ରଦାନ କରାଯାଇଛି ।

# ଶିଳାନ୍ୟାସରେ ଅଟକିଛି କାଏମା-ଶାନ୍ତିବଜାର ପ୍ରଶସ୍ତିକରଣ କାର୍ଯ୍ୟ

ଧର୍ମଶାଳା,୨୦/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କାଏମା-ଶାନ୍ତିବଜାର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ନିମନ୍ତେ ଦେଢ ବର୍ଷ ପୂର୍ବେ ଶିଳାନ୍ୟାସ ହୋଇଥିଲେ । ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ । ଯାହାକୁ ନେଇ ସ୍ଥାନୀୟ ଅଂଚଳବାସୀମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇବା ସହ ସରକାରଙ୍କୁ ସମାଲୋଚନା କରୁଛନ୍ତି । ପୂର୍ବ ସରକାର ସମୟରେ ୪.୫ କିମି ରାସ୍ତାକୁ ୪ ଥାକିଆ କରିବାପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୮କୋଟି ୪୨ଲକ୍ଷ ବ୍ୟୟବରାଦ ହୋଇ ଥିଲା ଏବଂ ୨୦୨୩ ମସିହା ଡିସେମ୍ବର ୮ତାରିଖରେ ଏହି ରାସ୍ତାର ଶିଳାନ୍ୟାସ ହୋଇଥିଲା ହେଲେ ଅଦ୍ୟବଧି କାମ ଆରମ୍ଭ ନହେବା ନେଇ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶିଳାନ୍ୟାସ କରାଯାଇ ରାସ୍ତା ମାପଚୁପ କରାଯାଇଥିବା ବେଳେ ସରକାର ବଦଳିବା ପରେ ମଧ୍ୟ କାର୍ଯ୍ୟ ଆଗେଇ ପାର ନ ଥିବା ସମସ୍ତଙ୍କଚ ଚକିତ୍ କରିଛି । ଏହି ରାସ୍ତାଟି ଧର୍ମଶାଳା ବ୍ଲକ ସମେତ ବରୀ ଓ ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନକୁ ସଂଯୋଗ ହୋଇଛି । ଏଥିସହ ସଂଯୋଗ ଏହି ବ୍ଲକର ଅଭୟପୁର, ବଡ଼କାଏମା, ଭବାନୀପୁର, ପାଟପୁର, କୋତପୁର, ଉତରପ୍ରତାପ, ଦେଓଦା, ମଙ୍ଗଳପୁର, ଅରାବଳ, ଅରେଇକଣା, କଦମପାଳ , ମିର୍ଜାପୁର ସମେତ ୧୫ ରୁ ଉର୍ଦ୍ଧ ପଂଚାୟତବାସୀଙ୍କ ଯାତାୟତ ପାଇଁ ଏହି ମୁଖ୍ୟ ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏହି ରାସ୍ତାଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକେ ଗାଡି ମଟର ଦେଇ ଯାତାୟତ କରିଥାନ୍ତି । ଏହି ରାସ୍ତାରେ ଦିନକୁ ଦିନ ଗାଡ଼ି ମଟର ସଂଖ୍ୟା ବଢ଼ି ଚାଲିଥିବା ବେଳେ ଅନେକ ସମୟରେ ଭାରି ଯାନ ଗୁଡ଼ିକ ଯାତାୟତ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଥାଏ । ରାସ୍ତା କାମ ଅରମ୍ଭ ପୁର୍ବରୁ ମାପଚୁପ୍ କୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ଏହାର ସମାଧାନ ନିମନ୍ତେ ସ୍ଥାନୀୟ ଗ୍ରାମବାସୀମାନେ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ପାଖରେ ପହଁଚି ଆଲୋଚନା କରିଥିଲେ । ହେଲେ ଗତ ବର୍ଷ ନିର୍ବଚନ ହେବାକୁ ଥିବା ବେଳେ ଏହାକୁ ଆଳ କରି ରାସ୍ତା କାମଟି ଅଟକାଇ ଦିଆଯାଇଥିଲା । ଏହାର କିଛି ଦିନ ପରେ ନିର୍ବାଚନ ହୋଇଥିଲା ଏବଂ ନିର୍ବାଚନ ପରେ ଧର୍ମଶାଳାରେ ବିଧାୟକ ବଦଳି ଯାଇଥିବା ବେଳେ ରାଜ୍ୟରେ ସରକାର ମଧ ପରିବର୍ତନ ହୋଇଥିଲା । ନୂତନ ବିଧାୟକ ହିମାଂଶୁ ଶେଖର ସାହୁ ଏହି ରାସ୍ତା କର୍ଯ୍ୟ କରାଯିବା ନେଇ ମଧ ଆଲୋଚନା କରିଛନ୍ତି । କିନ୍ତୁ କାମ ହେବା ନେଇ ଏବେବି ଅନିଶ୍ଚିତତା ଲାଗି ରହିଛି । ଏପଟେ ମରାମତି ଅଭାବରୁ ବହୁଦିନ ହେଲା ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି । ଏକାଧିକ ସ୍ଥାନରେ ରାସ୍ତା ଦବି ଯାଇଛି । ଏହା ଏକ ବ୍ୟସ୍ତ ବହୁଳ ରାସ୍ତା ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଅନେକ ମରଣ ମୁଖରେ ପଡିବା ସହିତ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି । ଟେଣ୍ଡର ହେବା ପରେ ଶିଳାନ୍ୟାଶ କରାଯାଇ ଦୀର୍ଘ ଦେଢ ବର୍ଷ ହେଲା ବନ୍ଦ ରହିଥିବା ରାସ୍ତା କାମକୁ ଯଥାଶିଘ୍ର ଆରମ୍ଭ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ଏସିର ତମ୍ବା ପାଇପ ଚୋରି ମାମଲାରେ ୬ ଜଣଙ୍କୁ କାବୁ କଲା ପୋଲିସ

ଜୟପୁର,୨୦/୩ (ନି.ପ୍ର): ଜୟପୁର ସହରରେ ଏସିର ତମ୍ବା ପାଇପ ଚୋରି ମାମଲାରେ ୬ ଜଣଙ୍କୁ କାବୁ କଲା ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ନୁଆଁ ସାହି ଭିଆଇପି ଲାଇନର ବାଦଲ ସ୍ୱାଇଁ (୧୮) ଜାମବାଡସାହି ର ସଚିନ କୁମାର ନାୟକ (୨୭) ପିଆରପେଟାର ଏ ରବି (୪୫) । ସହ ୩ ଜଣ ନାବାଳକ କାବୁ କରିଛି ପୋଲିସ । ଗିରଫ ଅଭିଯୁକ୍ତ ଠାରୁ ୧୫ କେଜି କଟିଙ୍କ ଏସ ପପେର ପାଇପ, ୮୦ ପୁଟ ତମ୍ବା ତାର ଜବତ କରିଛି । ଜୟପୁର ମୁଖ୍ୟ ରାସ୍ତାରରେ ରହୁଥିବା ଡାକ୍ତର ଦୁର୍ଗା ପ୍ରସାଦପାତ୍ର ଜୟପୁର ଟାଉନ ଥାନା ରେ ଲିଖିତ ଅଭି ଯୋଗ କରିଥିଲେ । ଗତ ୧୬.୩.୨୫ ରାତ୍ର ସମୟରେ ଦୁର୍ବୃତମାନେ ଏସିର ତମ୍ବା ଓାଇର ଚୋରି କରି ନେଇଛନ୍ତି । ଏଥି ମଧ୍ୟରୁ ୪ଟି ସରକାରି ମହିଳା ସ୍ୱାସ୍ଥ୍ୟ କର୍ମି ତାଲିମ କେନ୍ଦ୍ରର , ଗୋଟିଏ ତାଲିମ କେନ୍ଦ୍ରର ଅଧକ୍ଷ ସରସ୍ୱତି ବେହେରା ଙ୍କ ଘରୁ ଚୋରି ହୋଇଛି । ୩ଟି ଡାକ୍ତର ଦୁର୍ଗା ପ୍ରସାହ ପାତ୍ର ଙ୍କର ହୋଇଥିବା ବେଳେ ,ଗୋଟିଏ ୟୁନିୟନ ବ୍ୟାଙ୍କ ଚୋରି ହୋଇଛି । ଏହା ସହ ୧୨ଟି ବଜାର କୋଲକତା, ୧୧ଟି ରିଲାଇନ୍ସ ଟ୍ରେଣ୍ଡ ରୁ ଚୋରି କରଥିଲେ । ପୁରୁଣା ତହିସିଲ ଅଫିସରେ ଅଭିଯୁକ୍ତ ମାନେ ରଖିଥିଲେ । ଦିର୍ଘ ୧ ମାସ ହେବ ଦୁର୍ବୃତମାନେ ଜୟପୁର ସହରେ ଏସିର ତମ୍ବା ତାର ଚୋରି କରି ଆତଙ୍କ ଖେଳାଇ ଥିଲେ । ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହେବାରୁ ପୋଲିସ ୯୭/୨୫, ୧୦୪/୨୫, ୧୦୬/୨୫ ରେ ତିନୋଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସହରରେ ବହୁ ସ୍ଥାନରେ ଏପରି ଚୋରି ହୋଇଥିବା ବେଳେ ଥାନାକୁ ଅଭିଯୋଗ ଯାଇଥିବା ଜଣାଯାଇଛି । ଅଭିଯୁକ୍ତ ମାନେ ଏହି ତାରକୁ ଖଣ୍ଡ ଖଣ୍ଡ କରି କାଟି ଏ ରବିକୁ ବିକ୍ରୟ କରିଥିଲେ । କେଜି ୫ ଶହ ଟଙ୍କା ଟଙ୍କା ଦରରେ ବିକ୍ରି କରିଥିଲେ । ଚୋରି ସାମଗ୍ରୀ ବିକ୍ରି କରୁଥିବା ଅଭିଯୋଗରେ ଏ ରବି କୁ ମଧ ପୋଲିସ ଗିରଫ କରିଛି । ୩ ଜଣ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୩ ଜଣଙ୍କୁ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହଜାର କରାଯାଇଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

## ଓଚିନ୍ଦା ଯାଦବ ମାନଙ୍କ ପକ୍ଷରୁ ବାଡିଖେଳ

କୋରେଇ,୨୦/୩ (ନି.ପ୍ର): କୋଣେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ଓଚିନ୍ଦା ଗ୍ରାମର ଯାଦବ ମାନଙ୍କ ପକ୍ଷରୁ ବାଡିଖେଳ ଅନୁଷ୍ଠିତ ହୋଇଯାଇଛି । ପ୍ରଥମଥର ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଓଚିନ୍ଦା ଗୋପିନାଥ ଜୀଉ ମନ୍ଦିର ପ୍ରାଂଗଣରୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ମୁଳରୀ ଠାକୁର ଘର ପର୍ଯ୍ୟନ୍ତ ଯାଇଥିଲା । ସେଠାରେ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା । ଗଣେଷ କବି, କୈଳାସ କବି, ଭୀମସେନ ଦାସ, ନଣ୍ଡା କବି, ଲକ୍ଷ୍ମଣ କବି, ଶ୍ରୀଧର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ ,୨୦/୩ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ୯୦ ତମ ଓଡିଶା ଦିବସ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓଡିଶା ଦିବସ ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବ ର ଦିବସ ହୋଇ ଥିବାରୁ ଏହାକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ବୋଲି କହିଥିଲେ। ଏହି ପବିତ୍ର ଦିବସର ପ୍ରତ୍ୟେକ କାର୍ଯ୍ୟକ୍ରମ କୁ ଆନ୍ତରିକତାର ସହ ପାଳନ କରିବାକୁ ସେ ଅନୁରୋଧ କରିଥିଲେ ।ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ନିଷ୍ଠାର ସହ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ରୂପଭାନୁ ମିଶ୍ର,ଜିଲ୍ଲା ଶିକ୍ଷା ଅଧିକାରୀ ଦିପକ କୁମାର ପାଢ଼ୀ, ଡିଆଇବିର ଅତିରିକ୍ତ ଏସ ପି ଦେବୀ ଶଙ୍କର ପ୍ରତାପ ପ୍ରମୁଖ ଯୋଗ ଦେଇ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ ଅପ୍ରେଲ ୧ ତାରିଖ ପ୍ରାତଃ ୫ ଘଟିକା ସମୟରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ। ପୁରୀ ପୌରପାଳିକା ଓ ସଦର ବ୍ଲକ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯିବ ।ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ବ୍ଲକ ପକ୍ଷରୁ ଓ ଶିକ୍ଷା ନୁଷ୍ଠାନ ମାନଙ୍କ ରେ ଥିବା ପ୍ରତିମୂର୍ତ୍ତି ରେ ଶିକ୍ଷା ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯିବାକୁ ସ୍ଥିର ହେଲା । ଓଡିଶା ଦିବସ ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଓ ରାଷ୍ଟ୍ରାୟତ ଉଦ୍ୟୋଗ, ବ୍ୟାଙ୍କ, ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ ଇତ୍ୟାଦି ସେମାନଙ୍କ କାର୍ଯ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକୁ ନିଜସ୍ୱ ବ୍ୟୟରେ ଆଲୋକ ମାଳାରେ ସଜ୍ଜିତ କରିବା, ସ୍ୱାଗତ ତୋରଣ ନିର୍ମାଣ କରିବାକୁ ଅନୁରୋଧ କରାଗଲା ।ସଂଧ୍ୟାରେ ସଂସ୍କୃତି ଭବନ ଠାରେ ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସଂସ୍କୃତି ବିଭାଗ ସହଯୋଗ ରେ ଅନୁଷ୍ଠିତ ହେବ ।ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀ ଓ ଏସ ସି ଏସ ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜନ କରାଯାଇ ଓଡିଶା ଦିବସରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ।ସେହିପରି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଝୋଟି ମୁରୁଜ ପ୍ରତିଯୋଗିତା ଆୟୋଜନ କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯିବ ।ଆଇନଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ, ଅଗ୍ନିଶମ ସେବା ଓ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗ କୁ ଅନୁରୋଧ କରାଗଲା । ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ସହଦେବ ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ର ପ୍ରତିନିଧି ଡା ତନୁଚନ୍ଦ୍ର ମରାଇ,ସମାଜ କଲ୍ୟାଣ କାର୍ଯ୍ୟାଳୟ ର ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ, ଓ୍ୱାଟକୋ ର ମ୍ୟାନେଜର ପରୀକ୍ଷିତ ଖଣ୍ଡୁଆଳ, ପୁରୀ ମୁନିସିପାଲ୍ଟି ର ସହକାରୀ ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, ଟିପିସିଓଡିଏଲର ଡିସି ହିମାଂଶୁ ଶେଖର ପଣ୍ଡା, ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର, ସମାଜସେବୀ ଚକ୍ରଧର ମହାପାତ୍ର, ସାହିତ୍ୟିକ ବିପିନ ବିହାରୀ ଦଳାଇ, ସମାଜସେବୀ ବଦ୍ରି ମିଶ୍ର ଓ ବିଭିନ୍ନ ବିଭାଗର ଅଧିକାରୀ,କର୍ମଚାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କ୍ୱିଂଟାଲ ପିଛା ୮କେଜି ଧାନ କାଟିନେବା ଘଟଣାରେ ଯୋଗାଣମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କଲେ ଚାଷୀ

କେନ୍ଦ୍ରାପଡ଼ା,୨୦/୩ (ନି.ପ୍ର): ଧାନର ମାନ ପରୀକ୍ଷା କରାଯାଇ ଏହା ସଠିକ ଥିବା ଜଣାଯିବା ପରେ ମଧ ଜଣେ ଚାଷୀଙ୍କ ଧାନ କ୍ୱିଂଟାଲ ପିଛା ୮କେଜି କାଟିବା ଘଟଣାରେ ଚାଷୀ ଜଣଙ୍କ ନ୍ୟାୟ ପାଇବା ପାଇଁ ଯୋଗାଣମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ଗ୍ରାମର ଚାଷୀ ବିବେକାନନ୍ଦ ଦାଶ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଧାନର ମାନ ଉନ୍ନତ ଥିଲେ କଟନୀ ଛଟନୀ ହେବ ନାହିଁ ବୋଲି ସରକାରୀ ନିୟମ ରହିଛି। କିନ୍ତୁ ତୃଣମୂଳ ସ୍ତରରେ ମଣ୍ଡି ସଂପାଦକମାନେ ସରକାରଙ୍କ ନିୟମ ମାନିବାକୁ ପ୍ରସ୍ତୁତ ନାହାଁନ୍ତି। ସେମାନେ କଟନୀ ଛଟନୀ କରିବା ପାଇଁ କଳ, ବଳ, କୌଶଳ ପ୍ରୟୋଗ କରୁଛନ୍ତି। ଯଦି ଚାଷୀ ଦେଇଥିବା ଧାନର ମାନ ଉତ୍କୃଷ୍ଟ ରହିଛି ତେବେ ଟାର୍ଗେଟ୍ ନଥିବା ଭୟ ଦେଖାଉଛନ୍ତି। ଫଳରେ ବହୁ କଷ୍ଟ କରି ମଣ୍ଡିକୁ ଧାନ ନେଇ ଆସିଥିବା ଚାଷୀ ଭୟ କରୁଛି। ତା'ପରେ ପୁଣି ନଦୀ ନାଳ ପାର ହୋଇ ମଣ୍ଡିକୁ ଆସୁଥିବା ଚାଷୀଙ୍କୁ କୁହାଯାଉଛି ଧାନ ବସ୍ତା ଫେରାଇ ନେବାପାଇଁ। ଫଳରେ ଚାଷୀମାନେ ମଣ୍ଡି ସଂପାଦକଙ୍କ ଆଗରେ ମୁଣ୍ଡ ନୁଆଁଇ କାନ ମୁଣ୍ଡା ଆଉଁସି କ୍ୟୁଂଟାଲ ପିଛା ୮ କିଲୋ ଧାନ କଟନୀ ଛଟନୀ ଆକାରରେ ଦେବାକୁ ବାଧ ହୋଇଛନ୍ତି ବୋଲି ସେ କହିଛନ୍ତି। ସେ ଏଭଳି ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି। ବିବେକାନନ୍ଦ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ସେ ନଦୀପାର ହୋଇ ଡଙ୍ଗାରେ ଧାନ ବସ୍ତା ଲୋଡ କରି ଦେମାଳ ମଣ୍ଡିକୁ ଆସିଥିଲେ। ଏଠାରେ ତାଙ୍କ ଧାନର ମାନ ପରୀକ୍ଷା ହୋଇଥିଲା। ଧାନର ମାନ ଉତ୍କୃଷ୍ଟ ରହିଥିଲା। ଏହାସତ୍ୱେ ତାଙ୍କ ଧାନ କିଣାଗଲା ନାହିଁ। ସେ ୧୫ ଦିନ ଅପେକ୍ଷା କଲେ। ୧୫ ଦିନ ପରେ ତାଙ୍କୁ କୁହାଗଲା କ୍ୱିଂଟାଲ ପିଛା ୮ କିଲୋ କଟନୀ ଛଟନୀ ଦେଲେ ଧାନ ଗ୍ରହଣ କରାଯିବ। ଅର୍ଥାତ ୫୨କ୍ୱିଂଟାଲ ଧାନରେ ୪୧୬କିଲୋ ଧାନ କଟନୀ ଛଟନୀ ବାବଦରେ ରଖାଯିବ। ଏଥିରେ ରାଜି ହେଲେ ଧାନ ନିଅ ନହେଲେ ଧାନ ଫେରାଇ ନିଅ। ହେଲେ ପୁଣି ନଦୀ ପାର ହୋଇ ଡଙ୍ଗାରେ ଧାନ ଫେରାଇ ନେବା ତାଙ୍କ ପକ୍ଷରେ ସମ୍ଭବ ନଥିଲା। ତେଣୁ ବାଧହୋଇ କ୍ୟୁଂଟାଲ ପିଛା ୮ କିଲୋ କଟନୀ ଛଟନୀ ଦେଲେ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ସେ ଯୋଗାଣମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ଧର୍ମଶାଳା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର କୃତିତ୍ୱ ହାସଲ

ଧର୍ମଶାଳା,୨୦/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୪ଜଣ ଛାତ୍ର ପଠାଣି ସାମନ୍ତ ଗଣିତ ମେଧାବୃତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି । ଯାହାକି ଧର୍ମଶାଳା ଅଂଚଳ ପାଇଁ ଗୌରବ ଆଣିଛନ୍ତି । ସୁଚନା ମୁତାବକ ୨୦୨୩/୨୪ ଶିକ୍ଷା ବର୍ଷର ପଠାଣି ସାମନ୍ତ ଗଣିତ ମେଧାବୃତି ପରୀକ୍ଷାରେ ଜାରକାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାଳକମାନେ ଅଂଶଗ୍ରହଣ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତିତ୍ୱ ହାସଲ କରିପାରିଛନ୍ତି । ଏହି ପରୀକ୍ଷାର ବରିଷ୍ଠ ବିଭାଗରେ ହିତେଶ କୁମାର ରାଉତ ଓ ଅବିନାଶ ବେହେରା ଓ କନିଷ୍ଠ ବିଭାଗରେ ସୋମ୍ୟରଞ୍ଜନ ସାମଲ ଓ ଆଦିତ୍ୟ ଶତପଥୀ କୃତିତ୍ୱ ହାସଲ କରିଛନ୍ତି । ଛାତ୍ରମାନଙ୍କ ଏହି ସଫଳତା ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି ବୋଲି ଶିକ୍ଷାକେନ୍ଦ୍ରର ପ୍ରଧାନ ଶିକ୍ଷକ ନବଘନ ମହାନ୍ତି ଓ ପରିଚାଳନା ସମିତି ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । କୃତିତ୍ୱ ହାସଲ କରିଥିବା ଛାତ୍ରମାନେ ପ୍ରଧାନଶିକ୍ଷକ ,ପରିଚାଳନା କମିଟି ସହ ଗଣିତ ଶିକ୍ଷକ ତପନ କୁମାର ଭଦ୍ର, ଅକ୍ଷୟ କୁମାର ଶତପଥୀ ଓ ଶିକ୍ଷୟତ୍ରୀ ଲୋପମୁଦ୍ରା ମହାନ୍ତିଙ୍କୁ ଧନ୍ୟବାଦ ଜଣାଯାଇଛି ।

# ଶାନ୍ତି ଶୃଙ୍ଖଳାର ସହ ସରିଲା ଛାମୁ ମେଲଣ ଓ ଠାକୁର ହୋରି

କେନ୍ଦ୍ରାପଡ଼ା,୨୦/୩ (ନି.ପ୍ର): ପବିତ୍ର ଦୋଳ ପର୍ବ ଅବସର ରେ କେନ୍ଦ୍ରାପଡା ର ନିଆରା ପଂଚୁଦୋଳ ଛାମୁ ମେଲଣ ଓ ଠାକୁର ହୋରି ଶାନ୍ତି ଶୃଙ୍ଖଳା ର ସହ ପାଳନ କରାଯାଇଛି । ପ୍ରବଳ ଉତ୍ସାହ ଉଦ୍ଦୀପନା ସହିତ ବିଭିନ୍ନ ମଠ ମନ୍ଦିର ର ସୁସଜ୍ଜିତ ଦୋଳ ବିମାନ ଶୋଭାଯାତ୍ରା ରେ ଆସି ସେଥିରେ ଅଂଶ ଗ୍ରହନ କରିବା ସହ ଗୀତ, ବାଦ୍ୟ ଓ ସଂର୍କିତନ ମାଧ୍ୟମରେ ପଂଚୁଦୋଳ ର ହୋଲି ପର୍ବ କେନ୍ଦ୍ରାପଡା ରେ ପାଳନ କରାଯାଇଛି । ମଙ୍ଗଳବାର ରାତିରେ ପୁରୁଣା ବସଷ୍ଟାଣ୍ଡ ଦୋଳ ଉତ୍ସବରେ ବହୁ ସଂଖ୍ୟକ ଦୋଳ ବିମାନ ଅଂଶ ଗ୍ରହଣ କରିଥିଲେ । ପରମ୍ପରା ଅନୁଯାଇ ବାଲିପାଟଣା ର ଲଛମନଜୀଉଙ୍କ ଦୋଳ ବିମାନ ମହା ଆଡମ୍ବର ରେ ଏକ ଶୋଭାଯାତ୍ରା ରେ ସହର ପରିକ୍ରମା କରି ପୁରୁଣା ବସଷ୍ଟାଣ୍ଡ ମେଲଣ ପଡିଆରେ ଆସ୍ଥାନ ଗ୍ରହଣ କରିବା ପରେ ପୁରୁଣା ବସଷ୍ଟାଣ୍ଡ ମେଲଣ ପାଳନ କରାଯାଇ ଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଦିଅଁ ମାନଙ୍କ ବିମାନକୁ ଭୋଗ ଲାଗି ହେବା ପରେ ଭୋର ସମୟରେ ଲଛମନଜୀଉଙ୍କ ବିମାନ ସମେତ ଅନ୍ୟ ବିମାନ ଗୁଡିକ ଶ୍ରୀ ବଳଦେବଜୀଉ ଙ୍କ ମନ୍ଦିର ଅଭିମୁଖେ ଶୋଭାଯାତ୍ରା ରେ ଯାଇଥିଲେ । ଶ୍ରୀ ବଳଦେବଜୀଉ ଙ୍କ ମନ୍ଦିର ଚକଡା ଉପରେ ଲଛମନଜୀଉ, ରଘୁନାଥଜୀଉ, କପିଳଜୀଉ, ରାଧାକାନ୍ତଜୀଉଙ୍କ ବିମାନ ସମେତ ଗୋପ ମଠ, ସାରଙ୍ଗ ମଠ, ଗିରୀ ମଠ, ଗଣାମାହାଲ, ବଣିଆମାଳ ଓ ଗରାପୁର ଓ ବିଭିନ୍ନ ଗ୍ରାମରେ ଥିବା ମଠ ମନ୍ଦିର ମାନଙ୍କରୁ ଆସିଥିବା ୨୦ରୁ ଓର୍ଦ୍ଧ୍ୱ ଦୋଳ ବିମାନ ଆସ୍ଥାନ ଗ୍ରହଣ କରିବା ପରେ ମନ୍ଦିର ତରଫରୁ ଆଜ୍ଞାମାଳ, ଧୂପ, ଦୀପ ଆଳତୀ ଓ ପକ୍ତିଭୋଗ ଲାଗି କରାଯାଇ ଥିଲା । ପରେ ପରେ ଏଣ୍ଡାଓମେଣ୍ଟ ତରଫରୁ ବିମାନାରୂଢ ଦିଅଁ ମାନଙ୍କୁ ଅଭିର ଲାଗି କରାଯିବା ପରେ ସହର ସାରା ହୋଲି ଖେଳ ଆରମ୍ଭ ହୋଇଥିଲା । ଜାତି,ଧର୍ମ ନିର୍ବିଶେଷରେ ଭାଇଚାରା ରଖିବା ସହ ପରସ୍ପରକୁ ଅବିର ଓ ରଙ୍ଗ ବୋଳି ଖୁସି ମନାଇବା ସହ ପରସ୍ପରକୁ ମିଠା ଖୁଆଇ ଥିଲେ । କେମିକାଲ ରଂଗ ପରିବର୍ତେ ହରବାଲ ରଂଗ ବ୍ୟବହାର ପାଇଁ କେତେକ ସଗଠନ କରିଥିବା ଆବେଦନ ର ସୁଫଳ ଦେଖିବାକୁ ମିଳିଥିଲା । ପୋଲିସ ପ୍ରଶାସନ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଏହି ଶବସର ରେ ବ୍ୟାପକ ସୁରକ୍ଷା ବ୍ୟବସ୍ତା ଗ୍ରହଣ କରା ଯାଇଥିଲା ।

# ଅଲେଖ ସାଧୁ ମଧୁ ଦାଶ ବାବାଙ୍କ ଦ୍ୱାରା ଦେଓଗାଁ ସାମ୍ବାଦିକଙ୍କ ଘରେ ଘୃତ ଦହନ ନାମ ଯଜ୍ଞ ଅନୁଷ୍ଠାନ

ବଲାଙ୍ଗିର,୨୦/୩ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଦେଓଗାଁ ରେ ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ ଙ୍କ ଘରେ ଘୃତ ଦହନ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି ଏଥିରେ ମୁଖ୍ୟ ଯଜ୍ଞ କର୍ତ୍ତା ଅନ୍ତର୍ଯ୍ୟାମୀ ସାହୁ ଓ ତାଙ୍କର ପୁତ୍ର ଓମକାରା ସାହୁ, ଝିଅ ଲକ୍ଷ୍ମୀ ସାହୁ ଓ ନିଳିମକ୍ଷ ସାହୁ ଯଜ୍ଞ ମଣ୍ଡପ ଠାରେ ଉପସ୍ଥିତ ରହି ଅଲେଖ ମହିମା ଙ୍କ ର ଆଶୀର୍ବାଦ ଭିକ୍ଷା କରିଥିଲେ ଏହି ଅବସରରେ ସାଧୁ ମଧୁ ଦାଶ ବାବା ଯୋରନ୍ଧା ରୁ ଆସି ଟୋଲ ବ୍ରାହ୍ମଣୀ ଆଶ୍ରମ ର ଏକ ଜଣ ବାବା ଓ ତିନିଜଣ ବିଶିଷ୍ଟ ଭକ୍ତ ଆସି ସମାଗମ ହୋଇ ଥିଲେ, ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ଅଲେଖ ମହିମା ଙ୍କ ଗୁଣ ଗାନ କରିବା ସହିତ ଖଞ୍ଜଣି ବାଦ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ଏହି କାର୍ଯ୍ୟକ୍ରମରେ ଗ୍ରାମ ର ଅନେକ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଯୋଗଦେଇ ଶ୍ରୀ ସାହୁ ଙ୍କ ପରିବାର ଙ୍କୁ ଆଶୀର୍ବାଦ କରିବା ସହ ଖଞ୍ଜଣି ବାଦ୍ୟ ଓ ଅଲେଖ ମହିମା ଙ୍କ ର ଗୁଣ ଗାନ ସନ୍ଧ୍ୟା ସମୟ ରୁ ରାତି ପ୍ରାୟ ସାଢେ ୨ ଟା ପର୍ଯ୍ୟନ୍ତ ଶୁଣି ଆନନ୍ଦିତ ହୋଇ ଥିଲେ । ସକାଳ ପ୍ରାୟ ସାଢ଼େ ୫ ଟା ସମୟରେ ଏକ ବିଶେଷ ପୂଜା ଅର୍ଚ୍ଚନା କରାଯାଇ ଥିଲା, ଏହି ଅବସରରେ ପ୍ରାସାଦ ମଧ ବଣ୍ଟନ କରାଯାଇଥିଲା ଏଥି ନିମନ୍ତେ ବହୁ ଭକ୍ତ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସାମିଲ ସାଧୁ ମଧୁ ଦାସ ବାବା ଙ୍କ ଦ୍ୱାରା ଉଦଘାଟିତ ହୋଇ ସୁରଖୁରରେ ସମାପନ ହେବା ପରେସାହୁ ଙ୍କ ପରିବାର ଙ୍କୁ ଆଶୀର୍ବାଦ କରି ତାଙ୍କର ମଠ କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଅଲେଖ ମହିମା ଯଜ୍ଞ ଦେଓଗାଁ ଗ୍ରାମ ରେ ଜନସାଧାରଣ ଙ୍କ ମଧ୍ୟରେ ଆଲୋଚିତ ହେଉଚି ।

# ରାସ୍ତା କଡରୁ ହଟିଲା ଜବର ଦଖଲ

ଜୟପୁର,୨୦/୩ (ନି.ପ୍ର): ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଆଜି ଜବର ଦଖଲ ଉଚ୍ଛେଦ କରାଯାଇଛି । ଜୟପୁର ପୌର ପାଳିକା ଦ୍ୱାରା ଉଚ୍ଛେଦ କରାଯାଇଛି । ଚିକିତ୍ସାଳୟ ସମ୍ମୁଖରେ ଜାତୀୟ ରାଜପଥ ଯାଇଚଥିବା ବେଳେ ରାସ୍ତା କଡରେ ଚା ଦୋକାନ , ହୋଟେଲ, ଫଳ ଦୋକାନ ଫଳି ୨୦ରୁ ଉଦ୍ଧ ଉଠା ଦୋକାନ ଜବର ଦଖଲରେ ରହିଥିଲା । ଜିଲାପାଳ ଭି କିର୍ତି ଭାସନଙ୍କ ନିଦ୍ଦେଷ କ୍ରମେ ଉଚ୍ଛେଦ କରାଯାଇଛି । ରାଜ୍ୱସ ବିଭାଗ, ପୌର ପାଳିକାର ମିଳିତ ଭାବେ ଜେସିବି ଦ୍ୱାରା ଉଚ୍ଛେଦ କରାଯାଇଛି।

# ବିନା ବିଦ୍ୟୁତ ସଂଯୋଗରେ ବିଲ୍: ଚାଷୀ ମୁଣ୍ଡରେ ଚଡକ

କୋରେଇ,୨୦/୩ (ନି.ପ୍ର): ବାରମ୍ବାର ବିଦ୍ୟୁତ ବିଭାଗ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ବିଭିନ୍ନ ସମୟରେ ବିନା କାରଣରେ ବିଦ୍ୟୁତ ବିଭାଗ ଉପଭୋକ୍ତା ମାନଙ୍କ ଉପରେ ଅନ୍ୟାୟ ଭାବେ ଜୁଲମ କରୁଛି । ଯାହା ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ପାଣିକୋଇଲି ବିଦ୍ୟୁତ ଉପଖଣ୍ଡ ଅଧିନ ଅମୃତିଆ ଗ୍ରାମରେ । ଅମୃତିଆ ଗ୍ରାମର ଶ୍ରୀକାନ୍ତ ମହାପାତ୍ର, ସୁବାସ ମହାପାତ୍ର, ହେମନ୍ତ ମହାପାତ୍ର, ମାନସ ସାହୁ, ରବିନ୍ଦ୍ର ପତ୍ରି, ବିଶ୍ୱମ୍ଭର ସାହୁ, ଶରତ ମହାପାତ୍ର ପ୍ରମୁଖ ସରକାରୀ ଯୋଜନା ଅନୁଯାୟୀ ଜଣ ପ୍ରତି ୨୦ ହଜାର ଟଙ୍କା ଉଠାଜଳସେଚନ ବିଭାଗ ରେ ଜମା କରି ଅଗଭୀର ନଳକୂପ ଖନନ କରିଥିଲେ । ନିୟମ ଅନୁଯାୟୀ ବିଭାଗ ପକ୍ଷରୁ ସେମାନଙ୍କ ନଳକୂପକୁ ବିଦ୍ୟୁତ ସଂଯୋଗ କରାଯିବା କଥା । ବିଭାଗ ପକ୍ଷରୁ ସମସ୍ତଙ୍କ ନଳକୂପ ପାଖକୁ ବିଦ୍ୟୁତ ଖୁଂଟ ପକାଯାଇଥିଲା । ସେମାନଙ୍କ ମଧ୍ୟରୁ ରବିନ୍ଦ୍ର ପତ୍ରୀ ଓ ମାନସ ସାହୁଙ୍କ ନଳକୂପକୁ ବିଦ୍ୟୁତ ସଂଯୋଗ କରାଯାଇନାହିଁ । କେବଳ ଖୁଂଟ ପକ୍କାରେ ରେ ସୀମିତ ହୋଇ ରହିଛି । ହେଲେ ତାର ଟଣା ଯାଇନାହିଁ କି ବିଦ୍ୟୁତ ସଂଯୋଗ ମିଳିନାହିଁ । ଫଳରେ ଉକ୍ତ ନଳକୂପରୁ ଚାଷ କରିବା ସମ୍ଭବ ହେଉନାହିଁ । ଏପରିସ୍ଥିତିରେ ବୋଝ ଉପରେ ନଳିତା ବିଡା ସଦୃଶ ବିଦ୍ୟୁ ବିଭାଗ ପକ୍ଷରୁ ରବିନ୍ଦ୍ର ପତ୍ରୀଙ୍କ ଘରକୁ ବିଦ୍ୟୁତ ବିଲ୍ ଯାଇଛି । ରବିନ୍ଦ୍ର ବିନା ସଂଯୋଗରେ ବିଦ୍ୟୁତ ବିଲ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ବିନା ବିଦ୍ୟୁତ ସଂଯୋଗରେ କିପରି ବିଲ୍ ଆସିଲା ସେନେଇ ଚିନ୍ତାରେ ଅଛନ୍ତି । ଏନେଇ ପାଣିକୋଇଲି ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଅସିମ ଅମିତାଭ ଧଳଙ୍କୁ ପଚାରିବାରୁ ଉଠାଜଳସେଚନ ବିଭାଗ ମାଧ୍ୟମରେ ଏକ ବିଦ୍ୟୁତ ବିଭାଗ କାର୍ଯ୍ୟକରେ । ଚାଷୀ ମାନଙ୍କ ନଳକୂପ ଖୋଳି ବିଦ୍ୟୁତ ସଂଯୋଗ କରିସାରିବା ପରେ ଆମକୁ ହସ୍ତାନ୍ତର କରାଯାଇଥାଏ । ଯାହା ଫଳରେ ଆମେ ବିଦ୍ୟୁତ ବିଲ ପଠାଇଥିଲେ । ମାତ୍ର ଉଠାଜଳସେଚନ ବିଭାଗ ବିଦ୍ୟୁତ ସଂଯୋଗ ନଦେଇ ବିଦ୍ୟୁତ ସଂଯୋଗ ହୋଇଥିବାର ରିପୋର୍ଟ ଦେଇଥିବାରୁ ଆମ୍ଭେ ବିଦ୍ୟୁତ ବିଲ ପଠାଇଛୁ । ହେଲେ ଚାଷୀ ବର୍ତମାନ କିପରି ବିଦ୍ୟୁତ ସଂଯୋଗ ପାଇବ ଓ ଚାଷ କରିବ ସେ ଚିନ୍ତାରେ ଅଛି । ଏନେଇ ବିଦ୍ୟୁତ ରବିନ୍ଦ୍ର ବିଦ୍ୟୁତ ବିଭାଗ ଜଣାଇବା ପରେ ତଦନ୍ତ କରି ବିଲ ପରିବର୍ତନ ହେବ ବୋଲି ସୂଚନା ଦେଇଛନ୍ତି ।

# ରକ୍ଷା ପାଆନ୍ତୁ ଏମାନଙ୍କ ଦାଉରୁ







- ଅଣ୍ଡାର ଖୋଳପାକୁ କିଛି ଉଚ୍ଚରେ ରଖିବା ଦ୍ୱାରା ଅଣ୍ଡା ଗନ୍ଧରେ ଝିଟିପିଟି ଦୂରକୁ ପଳାନ୍ତି

- ମାଛିରୁ ରକ୍ଷା ପାଇବା ପାଇଁ ଚାହୁଁଥିଲେ ଘରର କବାଟକୁ ସବୁବେଳେ ବନ୍ଦ ରଖନ୍ତୁ। ତଥାପି ଘରେ ଯଦି ମାଛି ହେଉଛନ୍ତି, ତେବେ ସୁଗନ୍ଧିତ ତେଲରେ ଏକ କପଡ଼ା ବୁଡ଼ାଇ ଘର କବାଟରେ ଟଙ୍ଗାଇଲେ ଘରେ ମାଛି ପଶିବେ ନାହିଁ।

- ପିଆଜ ରସ ହେଉଛି ଓଡ଼ଶ ମାରିବାର ଏକଭଲ ଉପାୟ। ପିଆଜ ରସ ଗନ୍ଧରେ ସେମାନଙ୍କ ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯାଏ ଏବଂ ସେମାନେ ବହୁତ ଜଲଦି ମରିଯାଆନ୍ତି।

- କାରପଟେ ତଳେ ଲିମ୍ବ ପତ୍ରରଖନ୍ତୁ। କାରଣ ଏପରି କରିବା ଦ୍ୱାରା କୀଟପତଙ୍ଗ ଘରକୁଆସିବେ ନାହିଁ।

- ଅସରପା ଦୂର କରିବା ପାଇଁ କୌଣସି ବିଷାକ୍ତରସାୟନ ବ୍ୟବହାର କରିବା ପରିବର୍ତ୍ତେ ଆପଣ ଘରକୁ ନିୟମିତ ବ୍ୟବଧାନରେ ସଫା କରିବା ଉଚିତ।

# ସ୍ଲିମ ରଖିବ ଉତ୍ଥାନପାଦାସନ



ପ୍ରତ୍ୟେକ ମହିଳା ସୁସ୍ଥ ଓ ପତଳା (ସ୍ଲିମ୍) ରହିବାକୁ ଚାହାଁନ୍ତି। ଏଣୁ ବିଭିନ୍ନ ଉପାୟ ଆପଣାନ୍ତି। ଉ ।ନପାଦାସନ ଏପରି ଏକ ରୋଗ ଯାହାକୁ ଆପଣାଇ ମହିଳାମାନେ ସୁସ୍ଥ ଓ ସ୍ଲିମ ହୋଇପାରିବେ। ଯୋଗ ଶିକ୍ଷୟିତ୍ରୀ ସ୍ମିତା ଦାସଙ୍କ ଠାରୁ ଏହାର ପ୍ରଣାଳୀ ଓ ଉପାଦେୟତା ସମ୍ପର୍କରେ ଆସନ୍ତୁ ସବିଶେଷ ଜାଣିବା....

**ଉପକାର:** ଉତ୍ଥାନପାଦାସନ କରିବା ଦ୍ୱାରା ଶରୀରର ନିମ୍ନ ଭାଗରେ ଲାଭ ହୋଇଥାଏ।

- ଅମ୍ଳ, ବଦହଜମି ଓ କୋଷ୍ଠକାଠିନ୍ୟ ଦୂର ହୁଏ।
- ପେଟର ମାଂସପେଶୀ ଶକ୍ତହୁଏ।
- ପିଠି, ନିତମ୍ବ ଓ °ଘର ମାଂସପେଶୀ ଶକ୍ତହୁଏ।
- ଅଂଟା ଯନ୍ତ୍ରଣା ଦୂରହୁଏ
- ଓଜନ ହ୍ରାସ ହୁଏ।
- ପେଟରୁ ଚର୍ବି କମିଯାଏ।

ମଧୁମେହ ରୋଗ ଦୂରହୁଏ।

-ଜନେନ୍ଦ୍ରୀୟର କାର୍ଯ୍ୟ ଦକ୍ଷତା ବୃଦ୍ଧି ହୁଏ।

**ଆସନ ପ୍ରଣାଳୀ:**

-ପ୍ରଥମେ ପିଠିକୁ ତଳେ ଲଗାଇ ଶୋଇଯାଆନ୍ତୁ। ଦୁଇଗୋଡ଼କୁ ଯୋଡ଼ି ଦିଅନ୍ତୁ।

- ହାତକୁ ଦୁଇପଟରେ ଲଗାନ୍ତୁ। ପାପୁଲିଭୂମିରେ ଲାଗିବ।

-ଧୀରେ ଧୀରେ ପାଶ୍ୱାସ ନେବା ସହିତ ଗୋଡ଼କୁ ଉପରକୁ ଉଠାନ୍ତୁ।

- ଏହି ଅବସ୍ଥାରେ (୧୫-୨୦ସେକେଣ୍ଡ) ରହନ୍ତୁ।

- ନିଶ୍ୱାସ ଛାଡ଼ିବା ସହିତ ଗୋଡ଼କୁ ତଳକୁ ଆଣନ୍ତୁ। ଏହିପରି ପ୍ରତିଦିନ ଦିନକୁ ୪-୫ଥର କରନ୍ତୁ।

**ବିଶେଷ ଦ୍ରଷ୍ଟବ୍ୟ:**

- ଗର୍ଭବତୀ ମହିଳା ଏହି ଆସନ କରିବେ ନାହିଁ।
- ପେଟରେ ଅସ୍ତ୍ରୋପଚାର କିମ୍ବା ଅଲସର ହୋଇଥିଲେ କରିବେ ନାହିଁ।
- ଋତୁସ୍ରାବ ସମୟରେ ଏହି ଆସନ କରିବେ ନାହିଁ।
- ଯୋଗ ଟ୍ରେନରଙ୍କ ତତ୍ତ୍ୱାବଧାନରେ ଏହି ଆସନ ଆରମ୍ଭ କରିବା ଦରକାର।

# କୁମ୍ଭୀରଙ୍କ ସହ ମହିଳାଙ୍କ ବନ୍ଧୁତା



ଖୁବ କମ ଲୋକେ ଭିନ୍ନ ଭିନ୍ନ ପ୍ରତିଭା ସହ ଜନ୍ମ ନେଇଥାନ୍ତି। ବିଷଧର ତଥା ଭୟଙ୍କର ସରୀସୃପଙ୍କ ସହ ଜୀବନ ଅତିବାହିତ କରିବା ପ୍ରକୃତରେଏକ ପ୍ରକାର ପ୍ରତିଭା ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲୀୟ ମହିଳା ଜିନି ସୋଇ ଗତ ୧୧ବର୍ଷ ହେଲା ଏକ କୁମ୍ଭୀର ସହ ରହିଆସୁଛନ୍ତି। ନିଜ ସନ୍ତାନ ପରି କୁମ୍ଭୀରଟିକୁ ସେ ପାଳିଥିବାର ଏକ ସାକ୍ଷାତକାରରେ କହିଥଲେ। କୁମ୍ଭୀରର ନାମ ସେ 'କ୍ରୋକୋ' ରଖିଛନ୍ତି। କୁମ୍ଭୀରଟି ତାଙ୍କ ଘରେ ଅବାଧରେ ପ୍ରତ୍ୟେକ ସ୍ଥାନରେ ବିଚରଣ କରିଥାଏ। ୧୧ବର୍ଷ ମଧ୍ୟରେ କ୍ରେକୋ ତାଙ୍କୁ ଥରଟିଏ ହେଲେ ଆକ୍ରମଣ କରିନାହିଁ। ନିୟମିତ ଖାଦ୍ୟ ଭାବେ ସେ ୨ଲିଟର କ୍ଷୀର, ସିଝାଅଣ୍ଡା ଓ ୪କିଲୋମାଂସ ଓ ପନିପରିବା ମଧ୍ୟ ଖାଏ।

# ସୌନ୍ଦର୍ଯ୍ୟ ପାଇଁ ପିଆଜ



- ତ୍ୱଚାକୁ ମୁଲାୟମ କରିବା ପାଇଁ ପ୍ରତିଦିନ ପିଆଜରସ ଲଗାନ୍ତୁ।

- ପିଆଜରସରେ କେଓଲିନ ପାଉଡ଼ର, ମହୁ ଓ ମୁଲତାନୀ ମାଟି ମିଶାଇ ମହଁରେ ଲଗାଇଲେ ମୁହଁ ସତେଜ ଦିଶିଥାଏ।

- ମଲାଇରେ ପିଆଜରସ ମିଶାଇ ଲଗାଇଲେ କୁଂଚିତ ରେଖା ଦୂର ହୋଇଥାଏ।

- ନଡ଼ିଆରସ ସହ ପିଆଜରସ ମିଶାଇ ମୁହଁରେ ଲଗାଇଲେ ତ୍ୱଚା ନରମ ହେବା ସସହ ତ୍ୱଚାରେ ଥିବା ସବୁ ଦାଗ ଦୂର ହୋଇଯାଏ।

- ବ୍ରଣରେ ପିଆଜରସ ଲଗାଇଲେ ଏହା ସହଜରେ ଦୂର ହୋଇଥାଏ।



# ଦୈନିକ ସକାଳ ଜଳଖିଆରେ ସାମିଲ୍ କରନ୍ତୁ ଯେକୌଣସି ଫଳ: ଏଥିରେ ଅଛି ଏହିସବୁ ଭଲ ଗୁଣ

ଏପରି ଅନେକ ଫଳ ଅଛି, ଯାହାକୁ ଖାଇବା ଦ୍ୱାରା ମୋଟାପଣ ଦୂରେଇ ଯାଇଥାଏ। ଅର୍ଥାତ ଫ୍ୟାଟ୍ ଫ୍ରି ଫ୍ରୁଟ୍ସ। କୋଲେଷ୍ଟ୍ରଲ୍ ବି କମ୍ ରହିଥାଏ। ଡାକ୍ତରମାନେ ପରାମର୍ଶ ଦିଅନ୍ତି କି ଦୈନିକ କିଛି କିଛି ଫଳ ଖାଇବା ଦ୍ୱାରା ହୃଦ୍‌ରୋଗ ଏବଂ ଷ୍ଟ୍ରୋକ୍ ଆଶଙ୍କା କମ୍ ହୋଇଥାଏ।

ମାତ୍ର ଏହି ଆଶଙ୍କା ଦୂର କରିବାକୁ ଆପଣଙ୍କୁ ପଟାସିୟମ୍‌ଯୁକ୍ତ ଫଳ ଖାଇବାକୁ ହେବ। ଯେଉଁ ଫଳଗୁଡ଼ିକରେ ପଟାସିୟମ୍ ରହିଛି ତାହାକୁ ଖାଇଲେ କିଡ୍‌ନି ଷ୍ଟୋନ୍ ସମସ୍ୟା ବି କମ୍ ହୋଇଥାଏ।

ଆପଣ ନିଜର ଦୈନିକ ଡାଇଟ୍‌ରେ କିଛି ବି ଫଳ ସାମିଲ୍ କରନ୍ତୁ। ପାରୁଛନ୍ତି ଯଦି ଫଳ ପରିବର୍ତ୍ତନ କରନ୍ତୁ। ମାତ୍ର ସକାଳ ଖାଇବାରେ ଫଳ ସାମିଲ୍ କରିବାକୁ ଭୁଲନ୍ତୁ ନାହିଁ। ସକାଳ ଖାଇବାରେ କଦଳୀ ସାମିଲ କଲେ ଖୁବ୍ ଭଲ। କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି। ଯାହାକି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ସେଓ ଖାଇବା ବି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ସେଓ କେବେ ବି ଖାଲି ପେଟରେ ଖାଇବେ ନାହିଁ। କିଛି ଗୋଟେ ଖାଇ ସାରି ପେଟ ପୂରା କରି ସାରିବା ପରେ ଯାଇ ସେଓ ଖାଇଲେ ଭଲ। ଦୈନିକ ଗୋଟିଏ ସେଓ ଖାଇଲେ ଅନେକ ରୋଗ ଦୂରେଇ ଦେଇ ହେବ।

ନଡ଼ିଆ ବି ଖୁବ୍ ଉପକାରୀ ଫଳ। ଏହାକୁ ଦୈନିକ ନଖାଇ ପାରିଲେ ବି ଅନ୍ତତଃ ସପ୍ତାହକୁ ଥରେ ନିଶ୍ଚୟ ଖାଆନ୍ତୁ। ଏହି ଶ୍ରୀଫଳକୁ ଖାଇବା ଦ୍ୱାରା ବି ଶରୀରକୁ ଅନେକ ଫାଇଦା ହୋଇଥାଏ। କମଳାରେ ଅଛି ଭିଟାମିନ୍ ସି, ଯାହାକି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ସେଥିପାଇଁ ଦୈନିକ ଗୋଟାଏ କମଳା ଖାଇବା ବି ଖୁବ୍ ଭଲ।



# ଡାଏଲିସିସ୍ କ'ଣ, କାହିଁକି କିଡନୀ ରୋଗୀଙ୍କ ପାଇଁ ଜରୁରୀ ଜାଣନ୍ତୁ

**କିଡନୀ ମାନବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କିନ୍ତୁ ଆମର ଖରାପ ଖାଦ୍ୟ ଅଭ୍ୟାସ ଓ ଜୀବନଶୈଳୀ କିଡନୀ ସମସ୍ୟା ସୃଷ୍ଟି କରୁଛି। ଏବେ ଅଧିକାଂଶ ଲୋକ କିଡନୀ ରୋଗର ମଧ ଶିକାର ହେଉଛନ୍ତି। ଯଦି ରୋଗ ଗମ୍ଭୀର ହୋଇନଥାଏ ତେବେ ଡାଏଲିସିସ୍ ମାଧମରେ ଜଣେ ବ୍ୟକ୍ତି ସୁସ୍ଥ ହୋଇପାରନ୍ତି। ତେବେ ଡାଏଲିସିସ୍ କ'ଣ ଏବଂ କେଉଁ ସମୟରେ ଏହି ଚିକିତ୍ସା କରାଯାଏ, ଜାଣନ୍ତୁ...**

*ଡାଏଲିସିସ୍ କ'ଣ ?*

ଡାୟଲିସିସ୍ କିଡନୀ ରୋଗ ଚିକିତ୍ସାର ମୁଖ୍ୟ ଉପାୟ। ଏହି ରୋଗ ମାଧ୍ୟମରେ ରୋଗୀଙ୍କ ରକ୍ତ ସଫା କରାଯାଏ। କାରଣ କିଡନୀ ଫେଲ୍ ପରେ ଜଣେ ବ୍ୟକ୍ତିର ରକ୍ତ ଶୁଦ୍ଧ ହୋଇପାରେ ନାହିଁ। ଡାଏଲିସିସ୍ ମାଧ୍ୟମରେ ରକ୍ତ ଶୁଦ୍ଧ କରିବାକୁ ପ୍ରୟାସ କରାଯାଏ। ଏହି ସମଗ୍ର ପ୍ରକ୍ରିୟା ସମୟରେ, ରକ୍ତରେ ଜମା ହୋଇଥିବା ମଇଳା ଏବଂ ବିଷାକ୍ତ ପଦାର୍ଥ ନିଷ୍କାସନ କରାଯାଏ। ଡାଏଲିସିସ୍ ସମୟରେ ରୋଗୀର ଶରୀରରେ ଇଲେକ୍ଟ୍ରୋଲାଇଟ୍ ସ୍ତର ବଜାୟ ରଖିବା ଉପରେ ଅଧିକ ଧ୍ୟାନ ଦିଆଯାଏ।

*ଡାଏଲିସିସ୍ କେବେ ଆବଶ୍ୟକ ?*

ଯେତେବେଳେ ଉଭୟ କିଡନୀ ସଠିକ୍ ଭାବରେ କାମ କରିବା ବନ୍ଦ କରିଦିଏ, ସେତେବେଳେ ଜଣେ ବ୍ୟକ୍ତିଙ୍କର ଡାଏଲିସିସ୍ ଆବଶ୍ୟକ ହୁଏ। ଅର୍ଥାତ୍ ଦୁଇଟି ଯାକ କିଡନୀ ଫେଲ୍ ହୋଇଯିବା ପରେ ଡାଏଲିସିସ୍ ଚିକିତ୍ସା କରନ୍ତି ଡାକ୍ତର। ବିଶେଷକରି ମଧୁମେହ କିମ୍ବା ବ୍ଲଡ୍ ପ୍ରେସର୍ ରୋଗୀଙ୍କ ପାଇଁ କିଡନୀ ଫେଲ୍ ହେବାର ଆଶଙ୍କା ରହିଥାଏ।



*ଶରୀରରେ କିଡନୀର କାମ*

ଆମ ଶରୀରରେ ଦୁଇଟି କିଡନୀ ବା ବୃକକ୍ ଥାଏ। କିଡନୀ ଶରୀରରୁ ବର୍ଜ୍ୟ ପଦାର୍ଥକୁ ନିଷ୍କାସନ କରି ସୁସ୍ଥ ରଖିବାର କାର୍ଯ୍ୟ କରେ। ଯେତେବେଳେ କିଡନୀ ଠିକରେ କାର୍ଯ୍ୟ କରେନାହିଁ ସେତେବେଳେ ଷ୍ଟୋନ୍ ସମସ୍ୟା ଦେଖାଯାଏ। ଡାଏଲିସିସ୍ ମାଧ୍ୟମରେ ରୋଗୀଙ୍କୁ ସୁସ୍ଥ ରଖିବାକୁ ଚେଷ୍ଟା କରାଯାଏ। ଯଦି ସମସ୍ୟା ଗମ୍ଭୀର ଥାଏ, ତେବେ ବେଳେବେଳେ କିଡନୀ ପ୍ରତ୍ୟାରୋପଣ କରାଯାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବ୍ୟାଙ୍କ ବିଶୃଙ୍ଖଳା...

ଦେଶର ଆର୍ଥିକ ସ୍ଥିତି ଯେ ସୁଦୃଢ଼ ଅଛି, ଏକଥା ଯୋର ଦେଇ ସରକାର କହିପାରିବେ ନା ଆମେ ଗ୍ରହଣ କରିପାରିବା। ସବୁକିଛି ଠିକ୍‌ଠାକ୍ ଚାଲିନି। ପୁଞ୍ଜିବଜାରରେ ୬ମାସ ଧରି ଅସ୍ଥିରତା ଜାରି ରହିବା ସହିତ ଯେଉଁ ବିପର୍ଯ୍ୟୟ ଘଟିଛି, ସେଥିରେ ଦେଶର ୧୦ କୋଟି ନିବେଶକ ୯୪ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ମୁମ୍ବାଇର ଅନ୍ୟତମ ପୁରୁଣା ଆର୍ଥିକ ସଂସ୍ଥା ନ୍ୟୁ-ଇଣ୍ଡିଆ କୋଅପରେଟିଭର ବ୍ୟାଙ୍କ ଦୁର୍ନୀତି ଓ ଅନିୟମିତତା ଯୋଗୁଁ ଭୁଶୁଡ଼ି ପଡ଼ିବାରୁ ଜମାକାରୀଙ୍କ ଦୁର୍ଦ୍ଦଶା ଓ ଅସହାୟତା କହିଲେ ନ ସରେ। ଏବେ ଇଣ୍ଡସଇଣ୍ଡ ବ୍ୟାଙ୍କରେ ୨୧୦୦ କୋଟି ଟଙ୍କାର ଆର୍ଥିକ ଅନିୟମିତତା ସାମ୍ନାକୁ ଆସିବାରୁ ସେୟାରବଜାରରେ ବଡ଼ ଧରଣର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଗତ ମାର୍ଚ୍ଚ ୧୧ ତାରିଖରେ ଏହାର ସେୟାର ମୂଲ୍ୟ ୨୭ ପ୍ରତିଶତ ହ୍ରାସ ପାଇଥିଲା। ତୃତୀୟ ତ୍ରୟମାସିକ ରିପୋର୍ଟରେ ସୁଧ ଆୟ ଅନାବଶ୍ୟକ ଭାବେ ବଢ଼େଇ ଚଢ଼େଇ ପ୍ରଦର୍ଶନ କରିବା ଭଳି ଅଭିଯୋଗ ଏହି ବ୍ୟାଙ୍କ ବିରୋଧରେ ଆସିଛି। ରିଜର୍ଭ ବ୍ୟାଙ୍କ ଆର୍ଥିକ ବିବରଣୀରେ ସୁଧାର ଆଣିବା ସକାଶେ ସମୟ ମଧ ଦେଇଥିଲା। ବିଦେଶୀ ମୁଦ୍ରା ଡେରିଭେଟିର ପୋର୍ଟଫୋଲିଓରେ ପରିଲକ୍ଷିତ ଅସଙ୍ଗତି ବ୍ୟାଙ୍କ ପରିଚାଳନାର ବିଶ୍ୱସନୀୟତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହି ଘରୋଇ ବ୍ୟାଙ୍କ ହିନ୍ଦୁଜା ଗ୍ରୁପର। ତେବେ ରିଜର୍ଭ ବ୍ୟାଙ୍କର ସ୍ପଷ୍ଟୀକରଣ ପରେ ଜମାକାରୀ ଆଶ୍ୱସ୍ତ ହେଲା ଭଳି ମନେହେଉଛି। ସୋମବାର ସେୟାର ବଜାରରେ ଷ୍ଟକ ୧.୭୫ ପ୍ରତିଶତ ବୃଦ୍ଧି ପାଇବାରୁ ବ୍ୟାଙ୍କର ସ୍ଥିତି ସୁଧାରିଛି। ରିଜର୍ଭବ୍ୟାଙ୍କ ଦର୍ଶାଇଛନ୍ତି ଯେ ଇଣ୍ଡସଇଣ୍ଡ ବ୍ୟାଙ୍କର ଆର୍ଥିକ ସ୍ଥିତି ସ୍ଥିର ଅଛି ଓ ପର୍ଯ୍ୟାପ୍ତ ମାତ୍ରାରେ ପୁଞ୍ଜି ମଧ ରହିଛି। ତେଣୁ ଜମାକାରୀ ବିଚଳିତ ନ ହୋଇ ବ୍ୟାଙ୍କ ଉପରେ ଭରସା ରଖିବା ଉଚିତ। ଦେଶରେ ମୁଣ୍ଡ ଟେକିଥିବା ଘରୋଇ ବ୍ୟାଙ୍କଗୁଡ଼ିକର ସ୍ଥିତି କ୍ରମାଗତ ଭାବେ ଦୋହଲିଯିବାରୁ ଏଥିମଧ୍ୟରେ ଗୋଟିକ ପରେ ଗୋଟିଏ ବନ୍ଦ ହେବାରେ ଲାଗିଛି। ଅନ୍ୟପକ୍ଷରେ ଦେଶର ଗ୍ରାମୀଣ ଜୀବନରେ ସ୍ୱତନ୍ତ୍ର ମହତ୍ତ୍ୱ ରଖୁଥିବା ସମବାୟ ବ୍ୟାଙ୍କ ଏମିତି ଅସଜଡ଼ା ଅବସ୍ଥାରେ ଅଛି ଯେ ତାହା ଉପରେ ଦିନକୁ ଦିନ ନିର୍ଭରଶୀଳତା ହ୍ରାସ ପାଉଛି। ରାଜନୈତିକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପରିଚାଳିତ ଏହି ସମବାୟ ବ୍ୟାଙ୍କରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ନିୟନ୍ତ୍ରଣର ସୀମା ଅତିକ୍ରମ କରିଯିବାରୁ ଏଥିମଧ୍ୟରେ ୮୦ଟି ବ୍ୟାଙ୍କ ବନ୍ଦ ହୋଇଗଲାଣି। ଅନୁରୂପ ଦୋଷତ୍ରୁଟି ଯୋଗୁଁ ୟେସ ବ୍ୟାଙ୍କ, ପଞ୍ଜାବ ମର୍କାଣ୍ଟାଇଲ୍ ବ୍ୟାଙ୍କ ଓ ଲକ୍ଷ୍ମୀ ବିଳାସ ଭଳି ଘରୋଇ ବ୍ୟାଙ୍କ ଇତିମଧ୍ୟରେ ବନ୍ଦ ହୋଇଗଲାଣି। ଏବେ ଏକମାତ୍ର ଭରସା ସରକାରୀ ପ୍ରୋତ୍ସାହନରେ ପରିଚାଳିତ ଜାତୀୟକରଣ ବ୍ୟାଙ୍କ। ସରକାରଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କୁ ଏହି ବ୍ୟାଙ୍କ ଗୁଡ଼ିକରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ରୂପେ ନିଯୁକ୍ତି ଦିଆଯାଇଛି। ତେଣୁ ସରକାରଙ୍କ ଆନୁଗତ୍ୟ ତାଲିକାରେ ଥିବା କର୍ପୋରେଟ୍ ସଂସ୍ଥାକୁ ବିପୁଳ ପରିମାଣରେ ଋଣ ଯୋଗାଇ ଦେବାରେ କୌଣସି କଟକଣା ବା ନିୟମ ଶୃଙ୍ଖଳା ରହୁନି। ଏପରିକି ଅନାଦେୟ ଋଣକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅଚଳ ସମ୍ପତ୍ତି (ଏନ୍‌ପିଏ) ଦର୍ଶାଇ ଛାଡ଼ କରିବାରେ କୌଣସି ପ୍ରତିବନ୍ଧକ ରହୁନି। ଏହି ଜାତୀୟକରଣ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତି ଯେ ଠିକ୍‌ଠାକ୍ ଅଛି, ଏକଥା ନୁହେଁ। ଜମା ହ୍ରାସ ବୃଦ୍ଧିରେ ଶିଥିଳତା ଏବଂ ସଞ୍ଚୟ ମାନସିକତା କ୍ରମାଗତ ଭାବେ ହ୍ରାସ ପାଇଥିବାରୁ ବ୍ୟାଙ୍କ ମଧ ଋଣ ପ୍ରଦାନ ପ୍ରତି ସେଭଳି ଗୁରୁତ୍ୱ ଦେଉନାହିଁ। ବରଂ ଦୈନିକ ଆର୍ଥିକ କାରବାରର ମାଧ୍ୟମ ପାଲଟିଛି ବ୍ୟାଙ୍କ। ତେବେ ସେୟାର ବଜାରରେ ବିପର୍ଯ୍ୟୟ ପରେ କିଛି ନିବେଶକ ପୁଣି ବ୍ୟାଙ୍କରେ ଜମା ରଖିବାକୁ ଆଗ୍ରହ ପ୍ରକାଶ କରୁଥିବାର ପରିଲକ୍ଷିତ ହେଉଛି। ଅଥଚ ଦିନ ଥିଲା ବ୍ୟାଙ୍କରେ ଥିବା ସ୍ଥାୟୀ ଜମା ଭାଙ୍ଗି ଲୋକେ ସେୟାର ବଜାରରେ ନିବେଶ କରି ବିପୁଳ ଆର୍ଥିକ ଫାଇଦା ହାସଲ କରୁଥିଲେ। ଏବେ ସେମାନଙ୍କର ମୋହଭଙ୍ଗ ହୋଇଛି। କିନ୍ତୁ ଏହା ଯେ ବ୍ୟାଙ୍କର ସ୍ଥିତି ସୁଧାରିବାରେ ସହାୟକ ହେବ, ଏକଥା ନୁହେଁ। ସେୟାର ବଜାର ଉପାର୍ଜନର ଏକ ସୂତ୍ର ଥିବାବେଳେ ବ୍ୟାଙ୍କରୁ ସେଭଳି ଆର୍ଥିକ ଫାଇଦା ମିଳିବାର କୌଣସି ସୁଯୋଗ ନାହିଁ। ଏମିତିରେ ଦିନକୁ ଦିନ ଲୋକଙ୍କର ବ୍ୟୟଭାର ବଢ଼ିଚାଲିଥିବା ବେଳେ ସଞ୍ଚୟ ପ୍ରତି ଆକର୍ଷଣ ଏକପ୍ରକାର ନାହିଁ। ଆଉ ଗୋଟିଏ ବର୍ଗ ଅଛନ୍ତି ଯେଉଁମାନେ କି ନିଜର ସାମାଜିକ ପ୍ରତିଷ୍ଠା ପାଇଁ ବ୍ୟାଙ୍କରୁ ଋଣ କରି ସୌଖୀନ ସାମଗ୍ରୀରେ ବିପୁଳ ବ୍ୟୟ କରୁଛନ୍ତି। ସେମାନଙ୍କ ଆୟ ବା ଉପାର୍ଜନର ମୁଖ୍ୟ ଅଂଶ ଖର୍ଚ୍ଚ ହୋଇଥାଏ ଋଣ ପରିଶୋଧରେ। ଯିଏ ଯେତେ ଯୁକ୍ତି ବଢ଼ୁନା କାହିଁକି ଆୟ ତୁଳନାରେ ବ୍ୟୟଭାର ବଢ଼ିଚାଲିଛି। ତାହାକୁ ହିଁ ଦୃଷ୍ଟିରେ ରଖି ସରକାର ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ମୁକ୍ତ କରିଛନ୍ତି। ବ୍ୟୟବହୁଳ ଜୀବନଧାରାର ଏହା ଏକ ଅଂଶ ବିଶେଷ ହୋଇପଡ଼ିଛି।

# ପ୍ରାଣୀ ସୁରକ୍ଷା ଦିବସ



**ଅକ୍ଷୟ କୁମାର ରାଉତ**

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ, ପିଆଶାଳ, ଅଶିନ, ଆମ୍ବ, ପଣସ ଆଦି ବୃକ୍ଷ ପରିପୂର୍ଣ ଘଂଚ ଜଙ୍ଗଲ। ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ। ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ। ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ। ଏହି ବିଚିତ୍ର ବର୍ଣ୍ଣ ବନଭୂମିରେ ବନ୍ୟ ପଶୁ ପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ। ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ। ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରିଶୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ। ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁ ପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ। କିନ୍ତୁ ଶିକାରୀ ମାନଙ୍କର ଅହେତୁକ ଶିକାର ପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି। ବୃକ୍ଷଲତା, ଗୁଳ୍ମଆଦି, ପଶୁପକ୍ଷୀ, ଜୀବଜନ୍ତୁମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ। ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ। ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି। ଶିକାରୀ ମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେ ଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ।

ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହେଉଅଛି। ବନ୍ୟଜନ୍ତୁ ସଂରକ୍ଷଣ ନିମିତ ଭାରତ ବର୍ଷରେ ୧୦୪ ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ ଲକ୍ଷ୍ମ ଓ ୫୬୬ ଟି ଅଭୟାରଣୟ ଯାହାର କ୍ଷେତ୍ରଫଳ ୧୨୨୪୨୦ ଲକ୍ଷ୍ମ ଅଟେ। ସମୟ କ୍ରମେ ଏସବୁର ବୃଦ୍ଧି ଘଟୁଛି। ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ। ଓଡ଼ିଶାରେ ୧୯ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି। ଆମ ଭାରତ ବର୍ଷରେ ୫୨ ଟି ବ୍ୟାଘ୍ର ସଂରକ୍ଷଣ ଏବଂ ୩୨ ଟି ହାତୀ ସଂରକ୍ଷନ ରହିଅଛି। ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି। ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୁରଭଞ୍ଜ(ରଜ), ମହାନଦୀ (ରଜ) ସମ୍ବଲପୁର (ରଜ) ଓ ଚନ୍ଦକା ହାତୀ ଅଭ୍ୟାରଣ୍ୟ ରହିଛି।

କେନ୍ଦ୍ର ସରକାର ବନ୍ୟଜନ୍ତୁ ମାନଙ୍କ ସୁରକ୍ଷା ପାଇଁ ଝଷର ଓଭୟସବଭ ଇକ୍ଟବକ୍ସୟ ରକ୍ଟକ୍ସ ଡସକ୍ଷୟକ୍ଷସଲର ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ। ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟ ଜନ୍ତୁ ସପ୍ତାହ ପାଳନ କରାଯାଏ। ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି। ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭ୍ୟାରଣ୍ୟ, ଗୁଜୁରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁର ଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗ ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ।

ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି। ସେ ଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ, କୁମ୍ଭୀର, ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଳାଖାଇ ଆଦି ଦେଖାଯାଆନ୍ତି। ପଶ୍ଚିମ ବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି। ହିମାଳୟ ପାଦ ଦେଶାଂଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି। ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସକରନ୍ତି। ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କ ଠାରୁ ବଡ଼ ହୋଇଥାଆନ୍ତି। ହିମାଳୟ ପାର୍ବତ୍ୟାଂଚଳ(ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ। ମଧ ପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି। ଓଡ଼ିଶାର ସରୀସୃପ ମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ। ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି।

ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି। ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି। ସରକାରଙ୍କ କଠୋର ଆଇନ ଗତ ପଦକ୍ଷେପ ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ପାପର କର୍ତବ୍ୟ ପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇ ପାରିବ।

ମିଳିମିଶି କଲେ ପ୍ରାଣୀ ସୁରକ୍ଷା
ମନୁଷ୍ୟ ସମାଜ ହୋଇବ ରକ୍ଷା।

> ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହେଉଅଛି। ବନ୍ୟଜନ୍ତୁ ସଂରକ୍ଷଣ ନିମିତ ଭାରତ ବର୍ଷରେ ୧୦୪ ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ ଲକ୍ଷ୍ମ ଓ ୫୬୬ ଟି ଅଭୟାରଣୟ ଯାହାର କ୍ଷେତ୍ରଫଳ ୧୨୨୪୨୦ ଲକ୍ଷ୍ମ ଅଟେ। ସମୟ କ୍ରମେ ଏସବୁର ବୃଦ୍ଧି ଘଟୁଛି। ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ। ଓଡ଼ିଶାରେ ୧୯ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି।

# ପଦ୍ମଭୂଷଣ ରମାକାନ୍ତ ରଥ : ଭାରତୀୟ କାବ୍ୟ ଇତିହାସର ଅନ୍ୟତମ ଶିଖର ସ୍ୱାକ୍ଷର



**ଡ଼ଃ.ଅରୁନ୍ଧତୀ ଦେବୀ**

'ଯେଉଁ କବିତା ପଢ଼ିଲେ ପାଠକ ଭାବେ ଯେ ସେହି କବିତାର ଲେଖକ ସେ କବି ନୁହଁନ୍ତି, ତାହା ହେଉଛି ତାର ନିଜସ୍ୱ ଅଭିଜ୍ଞତା ବା ଅଭିବ୍ୟକ୍ତି ଏବଂ କବିତାରୁ କବି ନିସ୍କ୍ରାନ୍ତ ହୋଇଯାଇ ପାଠକଟି ଯେତେବେଳେ ଅଧିଷ୍ଠିତ ହୋଇଯାଏ ତାହା ହୁଏ ସାର୍ଥକ କବିତା।' - ସମକାଳୀନ ଓଡ଼ିଆ କବିତାର ଶିଖର ପୁରୁଷ ତଥା ଭାରତୀୟ ଆଧୁନିକ କବିତାର ଅନ୍ୟତମ ପ୍ରଖ୍ୟାତ କବି ପଦ୍ମଭୂଷଣ ରଥ ନିଜ କବିତାକୁ ନେଇ ଏହିପରି କିଛି ଧାଡ଼ି ଉଲ୍ଲେଖ କରିଥିଲେ। ସେ ସୃଷ୍ଟି କରିଥିବା କବିତା, କାବ୍ୟଧାରା କବିତାପ୍ରେମୀଙ୍କ ହୃଦୟରେ ସେ ତିଆରି କରିଥିବା ସଶ୍ରଦ୍ଧ ସ୍ଥାନଟି ଚିରକାଳ ଅକ୍ଷୁର୍ଣ୍ଣ ରହିବ ନିଶ୍ଚୟ। ଏହି ମହାନ ସାହିତ୍ୟ ସ୍ରଷ୍ଟାଙ୍କ ଏକାନବେ ବର୍ଷ ବୟସରେ ପରଲୋକ ସମଗ୍ର ଦେଶର ସାରସ୍ୱତ ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଓଡ଼ିଆ ସାହିତ୍ୟରେ ତାଙ୍କ ଚିରସ୍ମରଣୀୟ ଅବଦାନ ମାଧ୍ୟମରେ ସେ ଭାରତୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ରମାକାନ୍ତ ରଥ କେବଳ ଓଡ଼ିଆ ସାହିତ୍ୟ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟରେ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ। ରମାକାନ୍ତ ରଥ ଓଡ଼ିଆ କାବ୍ୟ ଜଗତରେ ଅଦ୍ୱିତୀୟ ପୁରୁଷ। ସଚ୍ଚିଦାନନ୍ଦ ରାଉତରାୟଙ୍କ ପରେ ଓଡ଼ିଆ ସାହିତ୍ୟରେ ଜଣଙ୍କୁ ଯଦି ମହାନ କବିର ଆଖ୍ୟା ଦିଆଯାଇପାରେ ସେ ହେଉଛନ୍ତି ରମାକାନ୍ତ ରଥ।

ଜୀବନ-ମୃତ୍ୟୁ, ପ୍ରେମ-ବିରହ, ମିଳନ-ଶୋକ ଓ ଅତୀତ-ଭବିଷ୍ୟତର ନାଡ଼ି ନକ୍ଷତ୍ର ଚିହ୍ନାଇ ଦେଉଥିବା କବି ଥିଲେ ରମାକାନ୍ତ ରଥ। ତାଙ୍କର ଅବର୍ତ୍ତମାନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲେ ମଧ ତାହା ପୂର୍ଣ୍ଣ ହୋଇଯାଏ ତାଙ୍କ କାବ୍ୟ କୃତୀରେ। କେବଳ ଭାରତରେ ନୁହେଁ, ଭାରତ ବାହାରେ ମଧ ସେ ଜଣେ ଅବିସ୍ମରଣୀୟ କବି ଭାବରେ ପରିଚିତ ଥିଲେ। କବିର ନାମ ବିସ୍ମରଣ ହୋଇଯାଏ ପଛକେ କବିତା ବିସ୍ମରଣ ହୁଏନାହିଁ। ଗୁରୁ ପ୍ରସାଦ ମହାନ୍ତି ଓ ରମାକାନ୍ତ ରଥ ଯେଉଁ ଯୁଗ ସୃଷ୍ଟି କରିଥିଲେ କବିତାରେ ତାହାର ଆଜି ଅନ୍ତ ଘଟିଛି। ଏହା ପରଠାରୁ ସାହିତ୍ୟରେ ଯୁଗ ପରିବର୍ତ୍ତନ ଘଟିବ। ସେ ଜଣେ ଯୁଗ ସ୍ରଷ୍ଟା କବି ଥିଲେ। ତାଙ୍କ କବିତାରେ ରାଧା କେବଳ ଗୋପପୁର ନୁହେଁ, ବରଂ ସହରର ବସ୍ତିମାନଙ୍କରେ ମଧ ଥିଲେ। ତାଙ୍କ କବିତା ଓ ଉପମା ଦେବାର ଢ଼ଙ୍ଗ ବିରଳ।

ରମାକାନ୍ତ ରଥ ଥିଲେ ଭାରତୀୟ କାବ୍ୟ ଇତିହାସର ଅନ୍ୟତମ ଶିଖର ସ୍ୱାକ୍ଷର। ତାଙ୍କ କବିତାରେ ଭାରତୀୟ ପରମ୍ପରା, ପୁରାଣ ଓ ଆଧୁନିକତାର ସମନ୍ୱୟ ଘଟିଥିଲା। ବାସ୍ତବିକ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ବିୟୋଗ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ଶୂନ୍ୟତା ସୃଷ୍ଟି କରିଛି। ରମାକାନ୍ତ ରଥ ଉଭୟ ପ୍ରଶାସନିକ ଅଧିକାରୀ ଓ କବି ଜୀବନରେ ସଫଳତା ପାଇଛନ୍ତି। ତାଙ୍କ ପ୍ରଶାସନିକ ଜୀବନ ତାଙ୍କ କବି ଜୀବନକୁ କେବେ ବି ପ୍ରଭାବିତ କରିନାହିଁ। ଅନେକ କବି ତାଙ୍କୁ ସମସାମୟିକ କାଳର ଶିଖର ପୁରୁଷ ବୋଲି ବିବେଚନା କରନ୍ତି। ସେ ଶିକ୍ଷା ସଚିବ ଥିବା ସମୟରେ ଶିଶୁଲେଖା ପ୍ରକାଶ ପାଇଁ ଉଦ୍ୟମରତ ଥିଲେ। ସେ ନିଜ କବି ପ୍ରତିଭାକୁ ଶେଷ ଜୀବନ ପର୍ଯ୍ୟନ୍ତ ବଜାୟ ରଖିଥିଲେ। ସେ ମୃତ୍ୟୁ ଚେତନାକୁ ନୂତନ ଭାବରେ ଆବିଷ୍କାର କରିଥିଲେ। ସେ ଜଣେ ଅନନ୍ୟ କବି ଓ ଓଡ଼ିଆ ଭାବେ ଚିର ନମସ୍ୟ ହୋଇ ରହିବେ। ସଚ୍ଚିଦାନନ୍ଦ ରାଉତରାୟଙ୍କ ପରେ ଓଡ଼ିଆ କବିତାର ଆଙ୍ଗିକ ଓ ଆତ୍ମିକ ବିଭାବକୁ ଭାଙ୍ଗିରୁଜି ପୁଣି ଥରେ ନିଜ କବିତାରେ ଠିଆ କରେଇ ପାରିଥିବା କବି ଥିଲେ ରମାକାନ୍ତ ରଥ। ଗୃହୀ, ସନ୍ନ୍ୟାସୀ, ବିଦ୍ରୋହୀ, ବୋହେମିଆନ, ଏ ସବୁ ସ୍ୱର ଏକାଠି ବାଜି ଉଠିଥିଲେ ତାଙ୍କ କବିତାରେ ଗୋଟିଏ ଅର୍କେଷ୍ଟ୍ରାରେ। ରମାକାନ୍ତ ରଥ ଥିଲେ ମାନୁଷୀ ରାଧା-କୃଷ୍ଣ ପ୍ରଣୟଗାଥାର ପ୍ରଥମ ବାର୍ତ୍ତାକାର। ଭାରତୀୟ ସାହିତ୍ୟରେ ପ୍ରଣୟକୁ ଅନନ୍ତ ବିରହର ଅଧ୍ୟାତ୍ମରେ ମୂର୍ଚ୍ଛି ଦେଇପାରିଥିବାର କାବ୍ୟକୋଟି ରମାକାନ୍ତ ରଥଙ୍କର ଅପହଞ୍ଚ, ଅନତିକ୍ରମ୍ୟ। ସେ ବଳଦେବ ରଥଙ୍କ ପରେ ଓଡ଼ିଆ କବିତାର ଦ୍ୱିତୀୟ କବିସୂର୍ଯ୍ୟ।



ଓଡ଼ିଆ ସାହିତ୍ୟ ଜଗତ ବିଶେଷକରି କାବ୍ୟ ଜଗତ ସ୍ତବ୍ଧ ହୋଇଯାଇଛି। ସ୍ୱାଧୀନତାର ଯୁଗର ପ୍ରବର୍ତ୍ତକ, ଦିଗଦର୍ଶକ ଏପରିକି ଏକ ବିଂଶ ଶତାବ୍ଦୀର କବି ଓ ସାହିତ୍ୟିକଙ୍କ ପ୍ରେରଣାର ଉତ୍ସ ଥିଲେ ସେ। ସେ ବିଭିନ୍ନ ରଚନାରେ ତାଙ୍କ ପିତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ବିଷୟରେ ଉଲ୍ଲେଖ କରିଛନ୍ତି। ଶ୍ରୀରାଧାର କବି, ଯୁବ ମାନସ, ପରିପକ୍ୱ ମାନସର କବି ଅମର ଧାମକୁ ଯାତ୍ରା କରିଛନ୍ତି। ମୁଁ ଆଜି ଅନୁଭବ କରୁଛି ଯେ କବିର ମୃତ୍ୟୁ ନାହିଁ। କବିର ଜୀବନ ହୁଏତ ଶେଷ ହୋଇଯାଏ, ହେଲେ ତା'ର ଅମର ଜୀବନ ଏହିଠାରୁ ଆରମ୍ଭ ହୁଏ। ଏହା ଅନନ୍ତ କାଳ ଯାଏ ତାଙ୍କ ଛାୟା ଆମକୁ ଆଚ୍ଛନ୍ନ କରି ରଖେ। ରମାକାନ୍ତ ତାଙ୍କ ମୃତ୍ୟୁରେ ଶୋକ ଗୀତଟିଏ ଲେଖି ଯାଇଛନ୍ତି କବିତାପ୍ରେମୀ ପାଠକମାନଙ୍କ ହୃଦୟରେ। ସେ କବିତା ଚିରକାଳ ବଞ୍ଚି ରହିବେ।


+ନିର୍ଦ୍ଦେଶିକା ଓ ସମ୍ପାଦିକା,
ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ
ଆନ୍ଦୋଳନ, କଟକ
ମୋ: ୯୯୩୭୧୭୨୮୧୦





## କବି କେବେ ମରିବନି

**ତାରାପ୍ରସାଦ ଜେନା**



ଏଇ ଦୁନିଆରେ କବି ପାଲଟିଲେ
କେହି କେବେ ମରିବନି
ଆସ୍ଥା ବିଶ୍ୱାସର ପରିଚିତ ନାଆଁ
କାବ୍ୟକୃତି ସରିବନି
ଏଇ ଦୁନିଆରେ କବି ପାଲଟିଲେ..!

ଅନ୍ତର୍ଦାହ କବି ଅନିର୍ବାଣ ଦ୍ରୋହ
ଯୁଗାନ୍ତର ଉର୍ଦ୍ଧ୍ୱଚେତା
ସାହସର ସତେ ପ୍ରେରଣାର ଉତ୍ସ
ଭାବାନ୍ତର ସଫଳତା,
ଜୀବନର ସିଏ ଜିତିବାର ସ୍ୱପ୍ନ
ମନଇଚ୍ଛା ହାରିବନି
ଏଇ ଦୁନିଆରେ କବି ପାଲଟିଲେ..!

'ଶ୍ରୀରାଧା'ର ପ୍ରୀତି ସ୍ମୃତି ଅନୁଭୂତି
ପରିଚ୍ଛନ୍ନ ଭାବାବେଗ
'ସପ୍ତମ ଋତୁ'ରେ 'ସଚିତ୍ର ଅନ୍ଧାର'
ମୋହାଚ୍ଛନ୍ନ ଅନୁରାଗ,
'ସନ୍ଦିଗ୍ଧ ମୃଗୟା' କ୍ଷଣ ଅନୁକ୍ଷଣ
ମାୟା ମୃଗ ଧରିବନି
'ଚନ୍ଦ୍ରମାର ଚୁଡ଼ି' କାମନାକୁ ଯୋଡ଼ି
ଆଲିଙ୍ଗନ କରିବନି
ଏଇ ଦୁନିଆରେ କବି ପାଲଟିଲେ..!


+ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା
ମୋ:୯୩୪୮୦୫୪୩୦୦


## ସମ୍ପର୍କ

**ଟିକେମଣି ବୁଧିଆ**



ମଧୁର ମଧୁର କଥାରେ ସମ୍ପର୍କ
ଗଢ଼ିଦେଲେ
ତାହା ସମ୍ପର୍କ ହୋଇଯାଏ ନାହିଁ ତା
ଭିତରେ
ମଧୁରତାର ସ୍ନେହ ଶ୍ରଦ୍ଧା ଭଲପାଇବା
କେତେ ଅଛି
ତାହା ହିଁ ସମ୍ପର୍କକୁ ମଜଭୁତ କରିଥାଏ
ସନ୍ଦେହ କୁଟ କପଟ
ଛଳନାର ବାସ୍ନାରେ
ନଥାଏ କେବେ ପ୍ରକୃତ ସମ୍ପର୍କରେ
ପର ହେଉ କି ଆପଣାର ସମସ୍ତଙ୍କ
ଭିତରେ ସ୍ନେହ
ଶ୍ରଦ୍ଧା ଭଲପାଇବାର
ମହକ ସର୍ବଦା ମହକୁଥାଏ ।।

ଉପରେ ଦେଖାଯାଉଥିବା ସୁନ୍ଦର
ଚେହେରା
କ୍ଷଣିକମାତ୍ର ଚିରସ୍ଥାଯୀ ନୁହେଁ କେବେ
ପ୍ରକୃତିର ଜାତ ପ୍ରକୃତିରୁ ଜାଣିପାରିବା
ତା ଭିତରେ ଅଛି ପ୍ରକୃତ
ସୁନ୍ଦରତା କେତେ ।

ଯେଉଁ ସମ୍ପର୍କରେ ମନ ହୃଦୟରେ ଥିବା
ଅକୁହା ବେଦନାର ସ୍ୱର ସହ ଜରୁରୀ
ଆବଶ୍ୟକ
ଥିବା କଥାକୁ କହିବାକୁ ପଡ଼େ
ନୁହେଁ ତାହା ପ୍ରକୃତ ସମ୍ପର୍କର ମୂଲ୍ୟ
ମହତ୍ତ୍ୱ
କହିବା ଆଗରୁ ଅନ୍ୟର ମନ ହୃଦୟର
ଅକୁହା ଦୁଃଖ ଯନ୍ତ୍ରଣାର ସ୍ୱରକୁ ଯିଏ
ବୁଝିବାର ପ୍ରୟାସ କରିଥାଏ ସେ ହିଁ
ପ୍ରକୃତ ସମ୍ପର୍କକୁ ଲିଭେଇବାରେ
ଦିଏ ଗୁରୁତ୍ୱ ।।

ପ୍ରଥମେ ଭଲ ବ୍ୟକ୍ତି ଟିଏ ହେବା
ନିମନ୍ତେ
ଆମେ ସର୍ବଦା ପ୍ରୟାସ କରିବା
ପ୍ରକୃତ ସମ୍ପର୍କରେ ଥିବା ବ୍ୟକ୍ତିର
ଅସୁବିଧା ସହ
ଅନେକ କିଛି ନ କହିଲେ ବି ଆମେ
ଆପେ ଆପେ ଅତି
ସହଜରେ ଜାଣିପାରିବା ।।

ଉତ୍ତମ ଚିନ୍ତା ଭାବ ନେଇ
ପବିତ୍ର ମନ ହୃଦୟ ଦ୍ୱାରା
ଗଢ଼ି ଉଠିଥିବା ସମ୍ପର୍କ କେବେ
ଭାଙ୍ଗିନଥାଏ
ଯେଉଁ ବ୍ୟକ୍ତିର ମନ ହୃଦୟ
ପବିତ୍ର ହୋଇନଥାଏ କି ଭଲ ବ୍ୟକ୍ତି
ହୋଇନଥାଏ
ସେ ପ୍ରକୃତ ସମ୍ପର୍କକୁ ଲିଭେବାର
ଯୋଗ୍ୟ ନଥାଏ ।।

ପ୍ରକୃତ ସମ୍ପର୍କରେ ନଥାଏ କେବେ
ଛୋଟ ବଡ଼ ଭେଦଭାବର ବିଚାର
ମନ ହୃଦୟ ନିର୍ମଳ ଥିଲେ
ସେହି ସମ୍ପର୍କ ଲାଗିଥାଏ ଅତି ସୁନ୍ଦର ।

ନିଃସ୍ୱାର୍ଥ ସ୍ନେହ ଶ୍ରଦ୍ଧା ପ୍ରେମ ପସରା
ପ୍ରକୃତ ସମ୍ପର୍କରେ ଭର୍ତ୍ତୀ ହୋଇଥାଏ
ସୁଖ ଦୁଃଖର ସାଥୀ ହୋଇ
ସେହି ସମ୍ପର୍କଟି ଚିରକାଳ ରହିଯାଏ ।

ଭାଙ୍ଗିବା ଉଦ୍ଦେଶ୍ୟ ନେଇ ସମ୍ପର୍କ
ଗଢ଼ିବା ନୁହେଁ
ସମ୍ପର୍କକୁ ଲିଭେଇବାରେ ସର୍ବଦା
ପ୍ରୟାସ କରିବା
ସମ୍ପର୍କ ହିଁ ତ ଏକତାର ବଳ ମିଳିମିଶି
ରହିବାର
ସୁଖ ଦୁଃଖର ସାଥୀ ହୋଇ ସବୁବେଳେ
ରହିବା ।।


+ରେଙ୍ଗସାପାଲି କଳାହାଣ୍ଡି
ମୋ: ୭୭୪୯୦୦୯୦୬୧

# ନା ଶାହରୁଖ, ନା ସଲମାନ ନା ଅଲ୍ଲୁ ଅର୍ଜୁନ, ଏହି ଅଭିନେତା ହେଲେ ନମ୍ବର-୧ ଷ୍ଟାର



ବଲିଉଡରୁ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରି ପର୍ଯ୍ୟନ୍ତ, ଅନେକ ଷ୍ଟାର ଦର୍ଶକଙ୍କ ହୃଦୟରେ ରାଜ୍ କରନ୍ତି। ଏହି ତାରକାମାନଙ୍କ ଜୀବନ ବିଷୟରେ ସବୁକିଛି ଜାଣିବାକୁ ପ୍ରଶଂସକମାନେ ସବୁବେଳେ ବହୁତ ଉତ୍ସାହିତ ରହିଥାନ୍ତି। ଶାହରୁଖ ଖାନଙ୍କଠାରୁ ଆରମ୍ଭ କରି ସଲମାନ ଖାନ, ରଜନୀକାନ୍ତ, ପ୍ରଭାସଙ୍କ ଭଳି କିଛି ଷ୍ଟାର ଅଛନ୍ତି ଯାହାଙ୍କ ପାଇଁ ପ୍ରଶଂସକମାନେ ପାଗଳ। କିନ୍ତୁ ଆପଣ ଜାଣନ୍ତି କି ବର୍ତ୍ତମାନ ସବୁଠାରୁ ଲୋକପ୍ରିୟ କିଏ? ସୋସିଆଲ ମିଡିଆରେ ଜଣେ ଦକ୍ଷିଣ ଅଭିନେତା ବଲିଉଡ ଷ୍ଟାରଙ୍କୁ ପଛରେ ପକାଇ ଦେଇଥିବା ସାମ୍ନାକୁ ଆସିଛି। ଓରମାକ୍ସ ମିଡିଆ ଶ୍ରେଷ୍ଠ ୧୦ ଅଭିନେତାଙ୍କ ଏକ ତାଲିକା ପ୍ରକାଶ କରିଛି। ଓରମାକ୍ସ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ସେୟାର କରି ଶ୍ରେଷ୍ଠ ୧୦ ଅଭିନେତାଙ୍କ ତାଲିକା ପ୍ରକାଶ କରିଛି। ଆଶ୍ଚର୍ଯ୍ୟଜନକ ଭାବରେ, ଓରମାକ୍ସର ଶ୍ରେଷ୍ଠ ୧୦ ତାରକା ତାଲିକାରେ ଦକ୍ଷିଣ ତାରକାମାନେ ବଲିଉଡ ଅଭିନେତାଙ୍କୁ ପଛରେ ପକାଇ ଦେଇଛନ୍ତି। ଏହି ତାଲିକାରେ ୭ ଜଣ ଦକ୍ଷିଣ ସୁପରଷ୍ଟାର ସାମିଲ ହୋଇଥିବା ବେଳେ କେବଳ ୩ ଜଣ ବଲିଉଡ ଅଭିନେତା ଏହି ତାଲିକାରେ ସ୍ଥାନ ପାଇପାରିଛନ୍ତି। ଏମାନଙ୍କ ମଧ୍ୟରେ ପ୍ରଭାସ ପ୍ରଥମ ସ୍ଥାନରେ ଅଛନ୍ତି। ତାଙ୍କ ପ ?ରେ ରହିଛନ୍ତି, ବିଜୟ, ଅଲ୍ଲୁ ଅର୍ଜୁନ, ଶାହରୁଖ ଖାନ, ରାମ ଚରଣ, ମହେଶ ବାବୁ, ଅଜିତ କୁମାର, ଜୁନିଅର ଏନଟିଆର, ସଲମାନ ଖାନ ଓ ଅକ୍ଷୟ କୁମାର।

# ମୋ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରାଯାଉଛି: ଆଦିତ୍ୟ ଠାକରେ



ବଲିଉଡର ଦିବଂଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାରେ ଏବେ ଏକ ନୂତନ ମୋଡ଼ ଆସିଛି। ଦିଶାଙ୍କ ବାପା ସତୀଶ ସାଲିଆନ୍ ଏବେ ବମ୍ବେ ହାଇକୋର୍ଟରେ ପହଞ୍ଚିଛନ୍ତି। ସେ ତାଙ୍କ ଝିଅ ମୃତ୍ୟୁର ନୂତନ ତଦନ୍ତ ଦାବି କରିଛନ୍ତି। ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ବିରୋଧରେ ଏତଲା ପଞ୍ଜିକରଣ କରିବାକୁ ସେ ଦାବି କରିଛନ୍ତି।

ଦିଶା ସାଲିଆନଙ୍କ ବାପା ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅ ସହ ପ୍ରଥମେ ଦୁଷ୍କର୍ମ କରାଯାଇଥିଲା ଏବଂ ପରେ ହତ୍ୟା କରାଯାଇଥିଲା। ସେ ଦାବି କରିଛନ୍ତି ଯେ, ଏହି ମାମଲାରେ କିଛି ପ୍ରଭାବଶାଳୀ ଲୋକଙ୍କୁ ବଞ୍ଚାଇବା ପାଇଁ ଏକ ରାଜନୈତିକ ଷଡ଼ଯନ୍ତ୍ର ରଚନା କରାଯାଇଛି। ସତୀଶ ସାଲିଆନ୍ ହାଇକୋର୍ଟରେ ଆବେଦନ କରିଛନ୍ତି ଯେ ତାଙ୍କ ଝିଅର ମୃତ୍ୟୁର ତଦନ୍ତ ସିବିଆଇକୁ ହସ୍ତାନ୍ତର କରାଯାଉ।

ଏଭଳି ଦାବି ମଧ୍ୟରେ ଏବେ ଆଦିତ୍ୟ ଠାକରେଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ସେ କହିଛନ୍ତି ଯେ, 'ଏସବୁ ମୋ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବା ପାଇଁ କରାଯାଇଛି। ଯଦି ମାମଲା କୋର୍ଟରେ ଅଛି, ମୁଁ କୋର୍ଟକୁ ଜବାବ ଦେବି। ଏହି ଦେଶର ଉନ୍ନତି ପାଇଁ ମୋର ଲଢ଼େଇ ଜାରି ରହିବ।'

ଉଲ୍ଲେଖଯୋଗ୍ୟ, ୮ ଜୁନ୍ ୨୦୨୦ରେ ଏକ କୋଠାର ୧୪ ମହଲାରୁ ପଡ଼ି ଦିଶା ସାଲିଆନ୍‌ଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ପୁଲିସ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରିଥିଲା। ଦିଶା ବଲିଉଡ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମ୍ୟାନେଜର ଥିଲେ। ଦିଶାଙ୍କ ମୃତ୍ୟୁର ମାତ୍ର ୬ଦିନ ପରେ, ୧୪ଜୁନ୍ ୨୦୨୦ରେ, ସୁଶାନ୍ତ ମଧ୍ୟ ତାଙ୍କ ଆପାର୍ଟମେଣ୍ଟରେ ମୃତ ଅବସ୍ଥାରେ ମିଳିଥିଲେ।

# ପ୍ରିୟଙ୍କାଙ୍କ ମନ କିଣିନେଲା ପିଜୁଳି ମାଉସୀଙ୍କ ଏହି କାମ



ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଆଜିକାଲି ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ସେ ଚଳଚ୍ଚିତ୍ର ନିର୍ମାତା ଏସଏସ ରାଜାମୌଲିଙ୍କ ଚଳଚ୍ଚିତ୍ରରେ ନଜର ଆସିବେ। ବୁଧବାର ଦିନ, ଅଭିନେତ୍ରୀ ଇନଷ୍ଟାଗ୍ରାମରେ ସେଟର କିଛି ଝଲକ ସେୟାର କରି ଓଡ଼ିଶାରେ ଗତ କିଛି ଦିନ କିପରି ବିତିଥିଲା ତାହା କହିଥିଲେ। ସେ ଏକ ପ୍ରେରଣାଦାୟକ କାହାଣୀ ମଧ୍ୟ କହିଥିଲେ। ପ୍ରିୟଙ୍କା ଚୋପ୍ରା ଭିଡିଓରେ କହିଛନ୍ତି, 'ମୁଁ ଆଜି ଏକ ପ୍ରେରଣା ପାଇଲି।' ମୁଁ ମୁମ୍ବାଇ ଯିବା ପାଇଁ ବିଶାଖାପାଟଣା ବିମାନବନ୍ଦର ଆଡକୁ ଯାଉଥିଲି। ରାସ୍ତାରେ ମୁଁ ଜଣେ ମହିଳାଙ୍କୁ ପିଜୁଳି ବିକୁଥିବାର ଦେଖିଲି। ମୁଁ କଞ୍ଚା ପିଜୁଳି ବହୁତ ପସନ୍ଦ କରେ। ତେଣୁ ମୁଁ ଅଟକିଗଲି ଏବଂ ପଚାରିଲି ପିଜୁଳି ମୂଲ୍ୟ କେତେ। ସେ କହିଲେ ୧୫୦ ଟଙ୍କା। ତେବେ ମୁଁ ତାଙ୍କୁ ୨୦୦ ଟଙ୍କା ଦେଇଥିଲି। 'ତା'ପରେ ସେହି ମହିଳା ମୋତେ ୫୦ ଟଙ୍କା ଫେରାଇବାକୁ ଲାଗିଲେ। ମୁଁ କହିଲି ନାଇଁ ମ, ଏହି ଟଙ୍କା ରଖ। ମହିଳା ଜଣକ ପିଜୁଳି ବିକ୍ରି କରି ନିଜର ଜୀବିକା ନିର୍ବାହ କରୁଥିଲେ। ତେବେ ସେ ସେହି ୫୦ ଟଙ୍କା ମାଗଣାରେ ନ ନେଇ ମୋତେ ଦୁଇଟି ପିଜୁଳି ଅଧିକ ଦେଇଥିଲେ । ଏନେଇ ପ୍ରିୟଙ୍କା କହିଛନ୍ତି ଯେ ଜଣେ କର୍ମଜୀବୀ ମହିଳା, ଦାନ ଚାହାଁନ୍ତି ନାହିଁ। ଏହି କଥାଟି ମୋତେ ବହୁତ ପ୍ରେରଣା ଦେଇଥିଲା। ପ୍ରିୟଙ୍କାଙ୍କ କହିବା କଥା ସେ ମହିଳା ଚାହିଁଥିଲେ ଆରାମରେ ୫୦ ଟଙ୍କା ରଖିପାରିଦେଇଥାନ୍ତେ । କିନ୍ତୁ ସେ ମାଗଣାରେ ଟଙ୍କା ରଖିବାକୁ ଚାହିଁନଥିଲେ, ଯେତିକି ପ୍ରାପ୍ୟ ସେତିକି ପାଇବା କଥାକୁ ହିଁ ଗୁରୁତ୍ୱ ଦେଇଥିଲେ । ପ୍ରିୟଙ୍କା ଚୋପ୍ରାଙ୍କ କାମ ବିଷୟରେ କହିବାକୁ ଗଲେ, ଆଜିକାଲି ତାଙ୍କ ହାତରେ ଅନେକ ପ୍ରୋଜେକ୍ଟ ରହିଛି। ସେ ହେଡ୍ସ ଅଫ୍ ଷ୍ଟେଟ୍, ଦି ବ୍ଲଫ୍, ଏସଏସଏମବି୨୯ ଭଳି ଫିଲ୍ମରେ କାମ କରୁଛନ୍ତି। ଏସଏସଏମବି୨୯ ଏକ ତେଲୁଗୁ ସିନେମା। ଏହି ଫିଲ୍ମର ସୁଟିଂ ଚାଲିଛି।

# ଏହି କାରଣରୁ ରାଣା-ବିଜୟଙ୍କ ସମେତ ୨୫ଜଣଙ୍କ ବିରୋଧରେ ରୁଜୁ ହେଲା ଏତଲା

ତେଲେଙ୍ଗାନା ପୁଲିସ ୨୫ଜଣ ବଡ଼ କଳାକାର ଏବଂ ସୋସିଆଲ ମିଡିଆ ଇନଫ୍ଲୁଏନସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୨୫ଜଣଙ୍କ ମଧ୍ୟରେ ରାଣା ଦଗ୍ଗୁବତୀ, ପ୍ରକାଶ ରାଜ୍, ବିଜୟ ଦେବରକୋଣ୍ଡା ଏବଂ ଲକ୍ଷ୍ମୀ ମାଞ୍ଚୁ ରହିଛନ୍ତି। ୨୫ଜଣଙ୍କ ବିରୋଧରେ, ସୋସିଆଲ ମିଡିଆ ଆକାଉଣ୍ଟରୁ ଅବୈଧ ବେଟିଂ ଏବଂ ଜୁଆ ଆପ୍‌କୁ ପ୍ରୋତ୍ସାହିତ କରିଥିବାର ମାମଲା ରୁଜୁ ହୋଇଛି। ୩୨ ବର୍ଷୀୟ ବ୍ୟବସାୟୀ ପିଏମ୍ ଫଣିନ୍ଦ୍ର ଶର୍ମାଙ୍କ ଅଭିଯୋଗ କ୍ରମେ ହାଇଦ୍ରାବାଦର ମିୟାପୁର ପୁଲିସ ଷ୍ଟେସନରେ ଏକ ଏଫଆଇଆର ରୁଜୁ କରାଯାଇଛି। ଅଭିଯୋଗଟି ମାର୍ଚ୍ଚ ୧୯ ତାରିଖରେ ଦାଖଲ କରାଯାଇଥିଲା।

ଏହି ଅଭିଯୋଗରେ କୁହାଯାଇଛି ଯେ, କିଛି ପ୍ରସିଦ୍ଧ ତାରକା ଏବଂ ସୋସିଆଲ ମିଡିଆ ଇନଫ୍ଲୁଏନସରମାନେ ବେଆଇନ ବେଟିଂ ଆପ୍ ?କୁ ପ୍ରୋତ୍ସାହିତ କରୁଛନ୍ତି, ଯାହା ୧୮୬୭ ମସିହାର ସାର୍ବଜନୀନ ଜୁଆ ଆଇନ ବିରୋଧୀ। ଅଭିଯୋଗକାରୀ ଫଣିନ୍ଦ୍ର ଶର୍ମା ଦାବି କରିଛନ୍ତି ଯେ, ୧୬ ମାର୍ଚ୍ଚରେ ତାଙ୍କ ସମ୍ପ୍ରଦାୟର ଯୁବକମାନଙ୍କ ସହିତ ଆଲୋଚନା କରିବା ସମୟରେ ଦେଖିଥିଲେ ଯେ ଅନେକ ଲୋକ ସୋସିଆଲ ମିଡିଆରେ ବେଟିଂ ଆପ୍‌ର ବିଜ୍ଞାପନ ଦେଖି ଏଥିରେ ଟଙ୍କା ନିବେଶ କରିବାକୁ ପ୍ରଭାବିତ ହୋଇଛନ୍ତି। ଏହି ପ୍ରସିଦ୍ଧ ତାରକାମାନେ ବେଟିଂ ଆପ୍‌ର ପ୍ରଚାର କରି ଲୋକଙ୍କ ଉପରେ ଖରାପ ପ୍ରଭାବ ପକାଇଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ସେଲିବ୍ରିଟିମାନେ ବିଭିନ୍ନ ବେଟିଂ ପ୍ଲାଟଫର୍ମକୁ ପ୍ରୋତ୍ସାହିତ କରିବା ପାଇଁ ବିପୁଳ ପରିମାଣର ଟଙ୍କା ନିଅନ୍ତି, ଯାହା ଲୋକମାନଙ୍କୁ ସେମାନଙ୍କର କଠିନ ପରିଶ୍ରମ ଦ୍ୱାରା ଅର୍ଜିତ ଟଙ୍କାରେ ଜୁଆ ଖେଳିବାକୁ ଉତ୍ସାହିତ କରେ। ଅଭିଯୋଗକାରୀ ନିଜେ ଏହି ପ୍ଲାଟଫର୍ମଗୁଡ଼ିକ ମଧ୍ୟରୁ ଗୋଟିଏରେ ନିବେଶ କରିବାକୁ ଯାଉଥିଲେ, କିନ୍ତୁ ତାଙ୍କ ପରିବାର ତାଙ୍କୁ ସମ୍ଭାବ୍ୟ ଆର୍ଥିକ ବିପଦ ବିଷୟରେ ଚେତାବନୀ ଦେବା ପରେ, ସେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ।



# ଆଇପିଏଲ୍‌ର ଉଦ୍‌ଘାଟନୀ ଉତ୍ସବରେ ଦେଖିବାକୁ ମିଳିବ ଶ୍ରେୟା ଘୋଷାଲ ଓ ଦିଶା ପଟାନୀଙ୍କ ଜଲୱା





ଆଇପିଏଲ୍‌ର ୨୦୨୫ ସଂସ୍କରଣ ବିଗୁଲ ବାଜିସାରିଛି। ଏଥିପାଇଁ ଖେଳପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏବେ ଖବର ଆସୁଛି ଯେ ଆଇପିଏଲ୍‌ର ଉଦ୍‌ଘାଟନୀ ଉତ୍ସବରେ ଏକ ବଡ଼ ଧରଣର କାର୍ଯ୍ୟକ୍ରମ ହେବାକୁ ଯାଉଛି। ଯେଉଁଥିରେ ଅନେକ ପ୍ରଦର୍ଶନ ରହିବ। ସଦ୍ୟତମ ସୂଚନା ଅନୁଯାୟୀ, ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀ ଓ ଗାୟିକା ଶ୍ରେୟା ଘୋଷାଲ ନିଜ ନିଜର ଜଲୱା ଦେଖାଇବେ। ଇଣ୍ଡିଆନ୍ ପ୍ରିମିୟର ଲିଗ (ଆଇପିଏଲ)ର ଅଫିସିଆଲ୍‌ଏକ୍ସ ପୃଷ୍ଠାରେ ଏ ନେଇ ସୂଚନା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଆହୁରି ବି ଜଣାପଡ଼ିଛି ଯେ ଗାୟକ କରଣ ଆଉଜଲା ମଧ୍ୟ ଏହି ମହାନ ସମାରୋହରେ ପ୍ରଦର୍ଶନ କରିବେ। ବହୁ ପ୍ରତୀକ୍ଷିତ ଆଇପିଏଲଲ୍ ଚଳିତବର୍ଷ ମାର୍ଚ ୨୨ ତାରିଖରେ ହେବାକୁ ଯାଉଛି। ଗତ ବର୍ଷର ବିଜେତା କୋଲକାତା ନାଇଟ୍ ରାଇଡର୍ସର ଘରୋଇ ପଡ଼ିଆ ଇଡେନ୍ ଗାର୍ଡେନ୍ସରେ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ମ୍ୟାଚ୍ ଖେଳାଯିବ। ମାର୍ଚ୍ଚ ୨୨ରେ ଉଦ୍‌ଘାଟନୀ ମ୍ୟାଚ୍ କେକେଆର ଓ ଆରସିବି ମଧ୍ୟରେ ଆୟୋଜିତ ହେବ। ମେ' ୨୫ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏଥି ସହିତ କ୍ୱାଲିଫାୟାର-୨ ମଧ୍ୟ ମେ' ୨୩ ତାରିଖରେ ଇଡେନ୍ ଗାର୍ଡେନ୍ସରେ ଖେଳାଯିବ। କୋଲକାତାରେ ଦଶନ୍ଧି ପରେ ପ୍ରଥମ ଥର ଏକ ଫାଇନାଲ୍ ଖେଳାଯିବ। ଶେଷ ଥର ପାଇଁ ୨୦୧୩ ଓ ୨୦୧୫ରେ ଫାଇନାଲ୍ ଖେଳାଯାଇଥିଲା। ୨୦୨୪ରେ ଉପ ବିଜେତା ହୋଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦର ଘରୋଇ ପଡ଼ିଆ ହାଇଦ୍ରାବାଦରେ କ୍ୱାଲିଫାୟାର-୧ ମେ' ୨୦ ତାରିଖରେ ଏବଂ ଏଲିମିନେଟର ମେ' ୨୧ରେ ଖେଳାଯିବ। ଆଇପିଏଲ୍-୨୦୨୫ରେ ମୋଟ ୬୫ ଦିନ ଭିତରେ ୭୪ ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରେ ୧୨ ଦିନ ଡବଲ୍ ହେଡର୍ ରହିଛି। ଦ୍ୱିତୀୟ ଦିବସରେ (ମାର୍ଚ୍ଚ ୨୩) ହିଁ ପ୍ରଥମ ଡବଲ୍ ହେଡର ରହିଛି। ସନ୍‌ରାଇଜର୍ସ ହଇଦ୍ରାବାଦ ସହ ରାଜସ୍ଥାନ ରୟାଲ୍ସ ଏବଂ ଚେନ୍ନାଇ ସୁପର୍ କିଙ୍ଗ୍ସ ସହ ମୁମ୍ବାଇ ଇଣ୍ଡିଆନ୍ସ ଖେଳିବେ। ମୋଟ ୧୩ଟି ଭେନ୍ୟୁରେ ଏହା ଖେଳାଯିବ। ଗୁଆହାଟୀ ରାଜସ୍ଥାନ ରୟାଲ୍ସର ଦ୍ୱିତୀୟ ଘରୋଇ ପଡ଼ିଆ, ବିଶାଖାପାଟଣା ଦିଲ୍ଲୀ କ୍ୟାପିଟାଲ୍ସର ଦ୍ୱିତୀୟ ଘରୋଇ ପଡ଼ିଆ ଏବଂ ଧର୍ମଶାଳା ପଞ୍ଜାବ କିଙ୍ଗ୍ସର ଦ୍ୱିତୀୟ ଘରୋଇ ପଡ଼ିଆ ରହିଛି। ଗୁହାହାଟୀ ଓ ବିଶାଖାପାଟଣାରେ ୨ ଲେଖାଏଁ ଏବଂ ଧର୍ମଶାଳାରେ ୩ଟି ମ୍ୟାଚ୍ ଖେଳାଯିବ।

# ସୂଚନା ଅଧିକାର ଆଇନ ସମ୍ପର୍କିତ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ

ବଲାଙ୍ଗୀର,୨୦/୩ (ନି.ପ୍ର): ପ୍ରଶାସନିକ ଢାଂଚାରେ ସ୍ୱଚ୍ଛତା ଏବଂ ଉତରଦାୟିତ୍ୱକୁ ଦୃଢ କରିବା ନିମନ୍ତେ ଆଜି ପୂର୍ବାହ୍ନ ଘ.୧୦.୩୦ ମି ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକଦିବସୀୟ ସୂଚନା ଅଧିକାର ଆଇନ ତାଲିମ ଶିବିର ଅନୁଷ୍ଠିତ ହୋଇଛି ଓ ଏହି ଶିବିରରେ ସୂଚନା ଅଧିକାର ଆଇନ(ଆର୍.ଟି.ଆଇ) ଅଧିନିୟମ, ୨୦୦୫ର ଧାରା ୪(୧)(ଖ) ଅଧୀନରେ ଲିପିବଦ୍ଧ ସ୍ୱେଚ୍ଛାକୃତ ପ୍ରକାଶର ବାଧ୍ୟତାମୂଳକ ପ୍ରାବଧାନ ସଂଲଗ୍ନ ନିୟମାବଳୀ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା ଓ ଏହି ତାଲିମ ଶିବିରରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିରଟି ଆୟୋଜିତ ହୋଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀଙ୍କ ଦ୍ୱାର ଏହି ତାଲିମ ଶିବିର ଉଦଘାଟନ ହୋଇଥିଲା ଓ ଲୁମିନସର ରଶ୍ମିରଞ୍ଜନ ରାଉତ ରିସୋର୍ସ ଅଧିକାରୀ ରୂପେ ଏହି ତାଲିମ ଶିବିରରେ ତାଲିମ ଦେଇଥିଲେ। ଦୈନନ୍ଦିନ କାର୍ଯ୍ୟରୁ ବ୍ୟବହାରିକ ଉଦାହରଣ ମାଧ୍ୟମରେ ସୂଚନା ଅଧିକାର ଆଇନର ଏକ ବିସ୍ତୃତ ବିବରଣୀ ଲୋକ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା ଓ ଆବେଦନଗୁଡିକ ପରିଚାଳନା କରିବାବେଳେ ସର୍ବଦା ନିୟମ ମଧ୍ୟରେ କାର୍ଯ୍ୟ କରିବାକୁ ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁରୋଧଗୁଡିକର ଉତର ପ୍ରଦାନ କରିବାକୁ ନିଶ୍ଚିତ କରିବାକୁ ଟ୍ରେନର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ଏବଂ ଧାରା ୪(୧)(ଖ)ର ପ୍ରାବଧାନଗୁଡିକୁ ନିୟମିତ ଅଦ୍ୟତନ କରିବା ସହ ଓଡିଆମାଧ୍ୟମକୁ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ ଓ ଏହି ତାଲିମ ଅଧିବେଶନରେ ଉପସ୍ଥିତ ଥିବା ସମସ୍ତ ବରିଷ୍ଠ ଅଧିକାରୀଙ୍କ ପାଇଁ ସୂଚନା ଅଧିକାର ଆଇନ ଏବଂ ଏହାର ଭୂମିକା ଏବଂ ଦାୟିତ୍ୱ ପାଇଁ ଏହାର ପ୍ରଭାବକୁ ସ୍ପଷ୍ଟ କରିବା ନିମନ୍ତେ ଏକ ମୂଲ୍ୟବାନ ସୁଯୋଗ ଆଣିଥିଲା ଓ ଏହି ଶିବିରରେ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ ଓ ପରିଶେଷରେ ପ୍ରଶ୍ନୋତର ଅଧିବେଶନରେ ଉପସ୍ଥିତ ଅଂଶଗ୍ରହଣକାରୀ ମାନଙ୍କ ସମସ୍ତ ପ୍ରଶ୍ନର ଉତର ଦିଆଯାଇଥିଲା।

# ମୀରପାଟଣା ଗ୍ରାମରେ ଦୋଳ ମହୋତ୍ସବ

କେନ୍ଦ୍ରାପଡ଼ା,୨୦/୩ (ନି.ପ୍ର): କେନ୍ଦ୍ରାପଡ଼ା ସହରର ମୀରପାଟଣା ଗ୍ରାମରେ ମଙ୍ଗଳବାର ଦିନ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରଧ୍ୟା ଦେବତା ଶ୍ରୀ ମା ଥାନପତି ଠାକୁରାଣୀଙ୍କ ପ୍ରାଙ୍ଗଣରେ ପ୍ରତିବର୍ଷ ପରି ଦୋଳ ମହୋତ୍ସବ ମହାସମାରୋହରେ ଅନୁଷ୍ଠିରତ ହୋଇଯାଇଛି । ଏହି ମେଲଣ ଉତ୍ସବରେ ମୀରପାଟଣା ଗ୍ରାମ ଦେବତୀଙ୍କ ନିମନ୍ତ୍ରଣରେ ସହର ଓ ଆଖାପାଖ ଅଂଚଳରୁ ୧୪ଟି ବିମାନ ଯୋଗ ଦେଇଥିଲେ। ଚାଟରାପାଟଣାର ରାଧାଗୋବିନ୍ଦ ଜୀଉ, ଇଚ୍ଛାପୁରର ରଘୁନାଥଜୀଉ, ଗଣାମାହାଲର ବିନୋଦ ବିହାରୀଜୀଉ, ମୀର ପାଟଣା ଗ୍ରାମର ବାସୁଦେବ ଜୀୟୁ, ମନମୋହନ ପଣ୍ଡା ରାଧାକୃଷ୍ଣ, ପ୍ରବୀର ଦାସଙ୍କ ରାଧାକୃଷ୍ଣ, ପୁରୁଣା ବସଷ୍ଟାଣ୍ଡର ଲକ୍ଷ୍ମୀନାରାୟଣ ମନ୍ଦିରର ରାଧାକୃଷ୍ଣ, ବଣିଆମାଳର ତ୍ରିପାଠୀ ସାହି ରାଧାକୃଷ୍ଣ ଓ ନୃସିଂହଜୀଉ, କାକଟର ରାଧାମାଧବଜୀଉ, କାକଟ ଚନ୍ଦ୍ରଶେଖର, ଭିଂପୁର ରାଧାକୃଷ୍ଣ ପ୍ରମୁଖ ସେମାନଙ୍କ ନିଜ ନିଜର ବିମାନରେ ପାରମ୍ପରିକ ବାଦ୍ୟ ସହ ଶୋଭାଯାତ୍ରାରେ ସହର ପରିକ୍ରମା କରି ମିରପାଟଣା ମେଳଣ ପଡ଼ିଆରେ ଅବସ୍ଥାପିତ ହୋଇଥିଲେ। ପୂର୍ବାହ୍ନ ୩ଟାବେଳେ ସମସ୍ତ ଠାକୁରଙ୍କୁ ଭୋଗ ଲାଗି କରାଇବା ପରେ ବିମାନଗୁଡ଼ିକ ନିଜ ନିଜ ମନ୍ଦିରକୁ ଫେରିଯାଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାର ଭଜନ କାର୍ଯ୍ୟକ୍ରମ ଓ ଲୋକକଳା ଘୋଡ଼ାନାଚ ଅନୁଷ୍ଠିତ ହୋଇଥିଲା। ଏହି ମେଲଣ ଦେଖିବା ପାଇଁ ସହର ଓ ଆଖପାଖ ଅଂଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ପୌରଅଧ୍ୟକ୍ଷ ଧିରେନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟ ଚକ୍ରଧର ଦାସ, ସୌମେନ୍ଦ୍ର ପୃଷ୍ଟି, ରାହୁଳ ରମଣ ବେହେରା, ରଞ୍ଜିତ ଦାସ, ପ୍ରଭାତ ରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ମାଝି, ମନମୋହନ ପଣ୍ଡା, ଧନେଶ୍ୱର ପଣ୍ଡା, ବିଭୂତି ଭୂଷଣ ସ୍ୱାଇଁ, ନରହରି ପଣ୍ଡା, ରଞ୍ଜନ ଦାସ, ଗୌରାଙ୍ଗ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

# ଗଛ ପଡି ଛାତ୍ରର ମୃତ୍ୟୁ

ଜୟପୁର ,୨୦/୩ (ନି.ପ୍ର): ପରୀକ୍ଷା ଦେବା ପାଇଁ କଲେଜ ଯାଉଥିଲେ ୩ ଜଣ ଛାତ୍ର । ଚଲନ୍ତା ବାଇକ ଉପରେ ଗଛ ଡ଼ାଳ ପଡ଼ିଯିବା ଯୋଗୁଁ ଘଟଣା ସ୍ଥଳରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି ହୋଇଛନ୍ତି । ଘଟଣାଟି ବୈପାରୀଗୁଡା ଥାନା ଅନ୍ତର୍ଗତ ମହୁଲି ଘାଟିରେ ଘଟିଛି । ମୃତ ଯୁବକ ବୈପାରୀଗୁଡା ଡିଗ୍ରୀ କଲେଜର ଯୁକ୍ତ ୩ ର ଛାତ୍ର ମହେନ୍ଦ୍ର ନାୟକ ବୋଲି ଜଣା ପଡିଛି । ମୃତକ ମହେନ୍ଦ୍ର ଡ଼ଙ୍ଗର ଛିଂଚର ଗାଁ ର ବୋଲି ଜଣାପଡିଛି ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଶୋକସଭା

ଜୟପୁର,୨୦/୩ (ନି.ପ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ରାଜ ନେତା ତଥା ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ଡ. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗଭୀର ଶୋକ ପ୍ରକାଶ କରିଛି। ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ସମେତ ବରିଷ୍ଠ ଅଧ୍ୟାପକ ପ୍ରଫେସର ଏନ୍ ସି ପଣ୍ଡା, ପ୍ରଫେସର ରଥିକାନ୍ତ କୁମ୍ଭାର, ପ୍ରଫେସର ଭରତ କୁମାର ପଣ୍ଡା ଓ ଡ. ଅଶୋକ କୁମାର ସାହୁ ଡ. ପ୍ରଧାନଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ୨ ମିନିଟ୍ ନୀରବ ପ୍ରାର୍ଥନା ପାଳନ କରି ଆମର ଆତ୍ମାର ସଦଗତି କାମନା କରିଥିଲେ। ପ୍ରଫେସର ତ୍ରିପାଠୀ ଡ. ପ୍ରଧାନଙ୍କ ସହ ତାଙ୍କର ସମ୍ପର୍କକୁ ସ୍ମରଣ କରି ସ୍ୱର୍ଗତ ନେତାଙ୍କ ଦେଶ ପ୍ରତି ଅମୂଲ୍ୟ ଅବଦାନ ଉପରେ ଆଲୋକପାତ କରିଥିଲେ। ଅଟଳ ବିହାରୀ ବାଜପେୟୀ ସରକାରରେ କେନ୍ଦ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ସେ ତାଙ୍କୁ ଜଣେ ସଚ୍ଚୋଟ ରାଜନେତା ବୋଲି ବର୍ଣ୍ଣନା କରିଥିଲେ। ତାଙ୍କ ବିୟୋଗ ଦେଶ ପାଇଁ ଏକ ବଡ଼ କ୍ଷତି। ସେ ଉଚ୍ଚ ନୈତିକ ମୂଲ୍ୟବୋଧ ଏବଂ ଜନସେବା ପ୍ରତି ଅତୁଟ ସମର୍ପଣର ନେତା ଥିଲେ ବୋଲି ପ୍ରଫେସର ତ୍ରିପାଠୀ କହିଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ପ୍ରଫେସର ତ୍ରିପାଠୀ ଡ. ପ୍ରଧାନଙ୍କ ନିଃସ୍ୱାର୍ଥପର ସେବାର ପରମ୍ପରାକୁ ପ୍ରଶଂସା କରିଥିଲେ।

# ଶରଧାପୁର ମାଙ୍କଡ଼ା ଖଣିରେ ବଡ଼ ଧରଣର ଚଢ଼ାଉ: ୩୯ଗାଡ଼ି ଜବତ

ଖୋର୍ଦ୍ଧା ,୨୦/୩ (ନି.ପ୍ର): ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ଶରଧାପୁର ମାଙ୍କଡ଼ା ଖଣିରେ ବଡ଼ ଧରଣର ଚଢ଼ାଉ ହୋଇଛି। ଆଜି ସକାଳୁ ପୋଲିସ ଓ ଖଣି ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇ ୩୯ ଗାଡ଼ି ଜବତ ହୋଇଥିବା ନେଇ ଖଣି ଉପନିର୍ଦ୍ଦେଶକ ଦିଲୀପ ସାହୁ ସୂଚନା ଦେଇଛନ୍ତି। ଏହି ଗାଡ଼ି ମଧ୍ୟରେ ରହିଛି ୨ଟି ଜେସିବି, ୪ଟି ହାଇଓ୍ୱା, ୭ଟି ଟ୍ରାକ୍ଟର, ୯ଟା ୪୦୭ ଗାଡ଼ି ୮ଟା ପାଓ୍ୱାର ଟିଲର ଓ ୯ଟା ବାଇକ। ଏହି ବଡ଼ ଧରଣର ଚଢ଼ାଉରେ ୪୦ଜଣ ପୁଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି। ଖଣି ବିଭାଗ ପକ୍ଷରୁ ଏଭଳି ଧରଣର ଚଢ଼ାଉ ଆଗରୁ କେବେ ବି ହୋଇନଥିବା କୁହାଯାଉଛି।ଖଣି ଅଧିକାରୀ ଜଗନ ବେହେରାଙ୍କ ସୂଚନା ମୁତାବକ, ଗଲା ୭ତାରିଖରୁ ୧୭ତାରିଖ ମଧ୍ୟରେ ମୋଟ୍ ୪୨ଗୋଟି ଗାଡ଼ି (ପାଓ୍ୱାର ଟିଲର ସହିତ) ଧରପଗଡ଼ ହୋଇଛି।


## OFFICE OF THE MUNICIPAL, COUNCIL, CHOUDWAR

Letter No. 441 Date : 20/03/2025

**TENDER CALL NOTICE**

Sealed tender, in conformity with detailed tender call notice in two bid systems, are invited from intending farms/ manufacturers having DIC Registration Certificate/ suppliers/ Authorized Distributor/dealers having eligibility criteria as mentioned in the tender to supply the sanitation materials as per specification details mention in tender scheduled, so as reach before the Executive Officer, Choudwar Municipality through registered post/ speed post/ Courier Service/ by hand in drop box up to **01:00 PM** on Dt. **04.04.2025**. Tender documents are to be obtained from Choudwar Municipality on deposit of non-refundable cost of tender document of **Rs. 5,000/- (Rupees Five Thousand) only** from Dt. **21.03.2025** to Dt. **29.03.2025** during office hours. The tenderers are also required to deposit EMD of **Rs. 20,000/- (Rupees Twenty Thousand) only** in the shape of Demand Draft in favour of the Executive Officer, Choudwar Municipality along with the tender. The tender document can also be seen and downloaded from the website www.choudwarmunicipality.in .The technical bid will be opened at 03:00 PM on Dt. **04.04.2025** in the presence of the tenderers or their authorized representatives. Choudwar Municipality will not be responsible for any delay in receipt of tender documents. Tenderers qualified in the technical papers will be allowed to open their financial bid cover at **04:00 PM** on Dt. **04.04.2025** in the presence of tenderers. The undersigned reserves the right to cancel the tender at any time without assigning any reason thereof.

The tenderer who obtains the tender documents from the website needs to submit the paper cost @ **Rs. 5,000/- (Rupees Five Thousand) only** (Non-refundable) in the shape of Demand draft in favour of the Executive Officer, Choudwar Municipality along with tender documents.

OIPR: 13138/11/0022/2425

Executive officer
CHOUDWAR Municipality


# ଓଡ଼ିଶା ସାମ୍ବାଦିକ ୟୁନିୟନ(ଓୟୁଜେ) କନ୍ଧମାଳ ଶାଖାର ସାଧାରଣ ପରିଷଦ ବୈଠକ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ,୨୦/୩ (ନି.ପ୍ର): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଡୁଲୁରୀ ପାଇନବଣ ପିକନିକ୍ ସ୍ଥଳରେ, ବୁଧବାର ଓଡ଼ିଶା ସାମ୍ବାଦିକ ୟୁନିୟନ(ଓୟୁଜେ )କନ୍ଧମାଳ ଜିଲ୍ଲା ଶାଖାର ଏକ ସାଧାରଣ ସଭା ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ସମେତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିୟନର କନ୍ଧମାଳ ଶାଖାର ଜିଲା ସଭାପତି ସୁଜିତ କୁମାର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ ମଂଚ ପରିଚାଳନା କରିଥିଲେ। ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମ୍ବାଦିକ ମାନେ ସବୁବେଳେ ନିରପେକ୍ଷ ଭାବରେ ଏବଂ ନିଜର ସମ୍ମାନ ରକ୍ଷା କରି କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିବା ସହ ଓଡିଶା ସାମ୍ବାଦିକ ୟୁନିଅନ୍ ସବୁବେଳେ ସାମ୍ବାଦିକ ମାନଙ୍କ ସୁବିଧା ଓ ସୁରକ୍ଷା ଦିଗରେ କାର୍ଯ୍ୟ କରି ଆସୁଛି। ଆଜି ଯଦି ରାଜ୍ୟରେ ସାମ୍ବାଦିକ ମାନଙ୍କୁ ଚିହ୍ନଟ କରିବା ଠାରୁ ଆରମ୍ଭ କରି ସେମାନଙ୍କ ସ୍ୱାସ୍ଥ୍ୟ ବୀମା ତଥା କୋଭିଡ ବେଳେ ସେମାନଙ୍କ ମୃତ୍ୟୁ ରେ ତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବା ଆଦି ସମ୍ପୂର୍ଣ୍ଣ ଓଡିଶା ସାମ୍ବାଦିକ ୟୁନିଅନ୍ ର ଦିର୍ଘ ବର୍ଷ ର ପରିଣାମ ବୋଲି କହିଥିଲେ। ଏଥିସହିତ ଆମ ସଂଗଠନ ସାମ୍ବାଦିକ ପେନସନ, ପ୍ରୋଟେକ୍ସନ ଓ ଏକ୍ରେଡିସନ୍ ଆଦି ଦାବି କରି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛି। ସାମ୍ବାଦିକ ମାନଙ୍କ ସୁବିଧା ପାଇଁ ଆବଶ୍ୟକ ପଡିଲେ ୟୁନିଅନ୍ ପୁଣି ରାଜ ରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଦାରିଙ୍ଗବାଡି ବିଡିଓ ପ୍ରୀତିରଞ୍ଜନ ରଥ ସମାଜର ଉନ୍ନତି ସାଧନ ପାଇଁ ସାମ୍ବାଦିକମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଓଡିଶା ସାମ୍ବାଦିକ ୟୁନିଅନ୍ର ଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଆଇଟି କୋଅର୍ଡିନେଟର ସନ୍ତୋଷ କୁମାର ସିଂଦେଓ, ଦାରିଙ୍ଗବାଡି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତି ର ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ପ୍ରମୁଖ ଯୋଗ ଦେଇ କନ୍ଧମାଳର ସାମ୍ବାଦିକ ମାନେ କେବଳ ଖବର ପ୍ରସାରଣ କରିବାରେ ନୁହେଁ ସମାଜର ହିତ ଦୃଷ୍ଟିରୁ ସଚେତନତା, ରକ୍ତଦାନ ଆଦି ଭଳି ବିଭିନ୍ନ ସମାଜ ସେବା କାର୍ଯ୍ୟ ରେ କନ୍ଧମାଳର ସାମ୍ବାଦିକ ମାନେ ଅଗ୍ରଣି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସୁଧାଂଶୁ ପାତ୍ର ଓ ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ କୁମାର ନାୟକ ପ୍ରମୁଖ ମଂଚାସୀନ ରହିଥିଲେ। ସେହିପରି ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରେ ରାଇକିଆ ସାହାରା ଅନୁଷ୍ଠାନର ସମ୍ପାଦକ ସୁକାନ୍ତ କୁମାର ନାୟକ, ବାଲିଗୁଡ଼ାର ସୁରେନ୍ଦ୍ର ସେଠୀ, ପ୍ଲିହେରି ପଂଚାୟତ ସରପଂଚ ପାଉଲ ପ୍ରଧାନ, ସମିତିସଭ୍ୟ ଅରୁଣ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୁର୍ଗମ ଅଂଚଳରେ ଖବରଦାତାଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବା ପ୍ରତି ସରକାର ଧ୍ୟାନ ଦେବା ଆବଶ୍ୟକ ଓ ବୀମା ରାଶି ବୃଦ୍ଧିକୁ ଗୁରୁତ୍ୱ ଦେଇ ଆଲୋଚନା ହୋଇଥିଲା। ସରକାର ଖବରଦାତାଙ୍କ ୩ଟି ଦାବିକୁ ଗୁରୁତ୍ୱ ନ ଦେଲେ ୟୁନିୟନ ଏଥିପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନା କରିବ ବୋଲି ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି କହିଥିଲେ। ଏହି ଅବସରରେ ମହାକାଶଯାତ୍ରୀ ସୁନୀତା ୱିଲିୟମ ୯ ମାସ ପରେ ସୁରକ୍ଷିତ ଭାବେ ଫେରିଲେ ଏହି ବୈଜ୍ଞାନିକଙ୍କୁ ଧନ୍ୟବାଦ ଦେବା ସହ ୟୁନିୟନ ଏଥିପାଇଁ ତାଙ୍କ ଫଟୋ ପୋଷ୍ଟର ଧରି ସେଲିବ୍ରେସନ କରିଥିଲା। ମୁଖ୍ୟ ଅତିଥି କହିଥିଲେ ଓୟୁଜେ ସମସ୍ତ ବୈଜ୍ଞାନିକଙ୍କୁ ସମ୍ମାନ ଜଣାଉଛି ଏହି କ୍ରମରେ ସୁନୀତାଙ୍କ ଉଦ୍ଦେଶ୍ୟରେ ସମସ୍ତେ ସେଲିବ୍ରେଶନରେ ସାମିଲ ହୋଇଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥିଙ୍କୁ କନ୍ଧମାଳ ଶାଖା ପକ୍ଷରୁ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ଏଥିସହ ଓୟୁଜେର ପରିଚୟପତ୍ର ବଂଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତିକାର ତଥା କଣ୍ଠଶିଳ୍ପୀ ଅକ୍ଷୟ କୁମାର ପରିଚ୍ଛା ଓ ତାଙ୍କ ଦଳ ପରିବେଷଣ କରିଥିଲେ। ସ୍ୱେଚ୍ଛାସେବୀ ଭାବେ ଦିଲୀପ କୁମାର ସାହୁ, ଧନେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକାରିଣୀ ସଭାପତି ଅଶୋକ କୁମାର ମହାନ୍ତି ନିମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୈଳାସ ଚନ୍ଦ୍ର ଦଣ୍ଡପାଟ, ସୁକାନ୍ତ ନାୟକ, ପ୍ଲିହେରି ସରପଂଚ ପାଉଲ ପ୍ରଧାନ, ସମିତିସଭ୍ୟ ଅରୁଣ ଗୌଡ଼, ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ବାଲିଗଡ଼ାର ଚିତ୍ର ଉତୋଳନ ପାଇଁ ସୁରେନ୍ଦ୍ର ସେଠୀ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାରର ଓୟୁଜେ କର୍ମକର୍ତା, ସାମ୍ବାଦିକ ଉପସ୍ଥିତ ହୋଇଥିଲେ।

# ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

ଧର୍ମଶାଳା,୨୦/୩ (ନି.ପ୍ର): ଜଣେ ଯୁବତୀଙ୍କୁ ଅସଦାଚରଣ ନେଇ ଯାଜପୁର ଜିଲା ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ଥାନାରେ ୬୯।୨୫ରେ ଏକ ମାମଲା ରୁଜୁ କରି ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଯୁବକକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ରୁଦ୍ରପୁର ପଂଚାୟତ ସିଠାଳୋଇ ଗ୍ରାମର ନବୀନ ମଳିକଙ୍କ ପୁଅ ସଦାନନ୍ଦ (୨୭)ବୋଲି ଜଣାପଡିଛି। ଘଟଣା ଘଟାଇବା ପରେ ସଦାନନ୍ଦ ଫେରାର ଥିଲା । ଅଭିଯୋଗ ମୁତାବକ,ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ରୁଦ୍ରପୁର ପଂଚାୟତ ସିଠାଳୋଇ ଗ୍ରାମର ଶିବ ପ୍ରସାଦ ମଳିକଙ୍କ ଝିଅ ପୁଷ୍ପଲତା(୨୬) ଚଳିତ ମାସ ୧୭ ତାରିଖ ଦିନ କ୍ଷେତକୁ କୋଳଥ ଅମଳ କରିବାକୁ ଯାଇଥିଲେ । ପୁଷ୍ପଲତା କ୍ଷେତରୁ ଫେରିବା ସମୟରେ ଏହି ଗ୍ରାମର ଯୁବକ ସଦାନନ୍ଦ ଏକୁଟିଆ ସୁଯୋଗ ନେଇ ତାଙ୍କୁ ଟଣା ଘୋଷଡା କରିବା ସହ ଅସଦାଚରଣ କରିଥିଲା । ଏନେଇ ସେ ଘରେ ଘଟଣା ସମ୍ପର୍କରେ ଜଣାଇବା ପରେ ପରିବାର ଲୋକଙ୍କୁ ଧରି ପୁଷ୍ପଲତା ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଥିଲେ । ଥାନାରେ କେସ୍ ନଂ ୬୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା । ଏବଂ ଘଟଣା ଘଟାଇବା ପରେ ସଦାନନ୍ଦ ଫେରାର ହୋଇଯାଇଥିଲା । ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସଦାନନ୍ଦଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରି ଥାନାରେ ଅଟକ ରଖି ପଚରାଉଚୁରା କରିଥିଲା। ଆଜି ତାର ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଏସ୍ଆଇ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି ।

# ସିଆରପିଏଫ୍‌ର ୮୬ତମ ସ୍ଥାପନା ଦିବସ

ସମ୍ବଲପୁର,୨୦/୩ (ନି.ପ୍ର): ସମ୍ବଲପୁର ଗ୍ରୁପ୍ ସେଂଟର ପରିସରରେ ସମ୍ବଲପୁର କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସର ୮୬ ତମ ସ୍ଥାପନା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଦିଲୀପ ସିଂ ଅଧେ୍ୟସ ସମସ୍ତ ଜଓ୍ୱାନ ଏବଂ ସେମାନଙ୍କ ପରିବାରକୁ ଅଭିନନ୍ଦନ ଜଣାଇବା ସହ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସର ଐତିହାସିକ ସଫଳତା ତଥା ବୀରତ୍ୱର ବଳିଦାନ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସମ୍ବଲପୁରର ଆଂଚଳିକ କାଓ୍ୱା ସଭାପତି ପୁନମ୍ ସିଂଙ୍କ ନେତୃତ୍ୱରେ ପରିବାର କଲ୍ୟାଣ କେନ୍ଦ୍ର ପରିସରରେ ମହିଳା ଏବଂ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସିଆରପିଏଫର ଏକ ଐତିହାସିକ ଇତିହାସ ୨୭ ଜୁଲାଇ ୧୯୩୯ ରେ ବ୍ରିଟିଶ ଶାସନ ସମୟରେ 'କ୍ରାଉନ୍ ରିପ୍ରେସେଂଟ ପୋଲିସ୍' ଭାବରେ ସେଣ୍ଟ୍ରାଲ୍ ରିଜର୍ଭ ପୋଲିସ୍ ଫୋର୍ସ ପ୍ରତିଷ୍ଠା କରାଯାଇଥିଲା। ସ୍ୱାଧୀନତା ପରେ, ୨୮ ଡିସେମ୍ବର ୧୯୪୯ରେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ଏହାକୁ ପୁନଃ ସଂଗଠିତ କରାଯାଇ ଏକ ଶକ୍ତିଶାଳୀ ପାରାମିଲିଟାରୀ ଫୋର୍ସ ଭାବରେ ପ୍ରତିଷ୍ଠିତ କରାଯାଇଥିଲା।

# ବରଗଡ଼ ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ କାଉନସିଲର ପ୍ରଶିକ୍ଷଣ ଉଦ୍‌ଯାପିତ

ସମ୍ବଲପୁର/ବରଗଡ଼,୨୦/୩ (ନି.ପ୍ର): ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଆନୁକୂଲ୍ୟରେ ବରଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜୁନିଅର୍ ରେଡକ୍ରସ କାଉନସିଲରମାନଙ୍କ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏହି ଅବସରରେ ଅମ୍ବାପାଲି ସ୍ଥିତ ସମଲେଶ୍ୱରୀ ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଦୀପ୍ତ କୁମାର ନାୟକ, ଜିଲ୍ଲା ରେଡକ୍ରସ ଅଧିକାରୀ ହେମନ୍ତ କୁମାର ସାମଲ, ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ ଯୋଗ ଦେଇଥିଲେ। ଏହି ଶିବିରରେ ଜିଲ୍ଲାର ସମସ୍ତ ବ୍ଲକରୁ ୬୦ ଜଣ କାଉନସିଲର ଯୋଗ ଦେଇଥିବା ବେଳେ ସାଧନକର୍ମୀ ଭାବରେ ଦ୍ୱାଦଶ କୁମାର ପଧାନ, ଧର୍ମରାଜ ପ୍ରଧାନ,ମନୋଜ କୁମାର ସାହୁ, ମହେନ୍ଦ୍ର ଆଚାର୍ଯ୍ୟ, ଶିବାନୀମୟୀ ଯୁକ୍ତା ବାରିକ, ଡିଲେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇ କାଉନସିଲରମାନଙ୍କୁ ରେଡକ୍ରସର ଇତିହାସ, ଜୁନିଅର୍ ରେଡକ୍ରସ ଟ୍ରୁପ୍ ଗଠନ, ରେଡକ୍ରସର ମୌଳିକ ନୀତି, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ରକ୍ତଦାନର ଆବଶ୍ୟକତା,ନିଶା ନିବାରଣ, ବିଦ୍ୟାଳୟ ଓ ନିରାପତା,ଦୁର୍ଘଟଣା ସମୟରେ ପ୍ରାଥମିକ ଉପଚାର, ଜଳବାୟୁ ପରିବର୍ତନ ଆଦି ବିଭିନ୍ନ ବିଷୟବସ୍ତୁ ଉପରେ ଧାରଣା ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୩୬ ଜଣ ଜୁନିଅର୍ ରେଡକ୍ରସ କାଉନସିଲର ରକ୍ତଦାନ କରିଥିଲେ। ପ୍ରଶିକ୍ଷଣ ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା କାର୍ଯ୍ୟକ୍ରମ ଶେଷରେ ରେଡକ୍ରସ ପତାକା ଅବତରଣ କରାଯାଇ ଶିବିରକୁ ସଫଳତାର ସହ ଉଦଯାପନ କରାଯାଇଥିଲା ।

# ଭୋଟର କାର୍ଡ ସହ ଆଧାର ନମ୍ବର ଲିଙ୍କ୍ ପ୍ରୟାସ

ସମ୍ବଲପୁର,୨୦/୩ (ନି.ପ୍ର): ଏଣିକି ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ୍ କରାଯିବ । ଏଥିପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଆଜି ନିର୍ବାଚନ କମିଶନ ଓ ୟୁଆଇଡିଏଆଇ (ଭାରତର ଏକକ ପରିଚୟପତ୍ର ପ୍ରାଧିକରଣ) ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ଉଚ୍ଚ ସ୍ତରୀୟ ବୈଠକରେ ଏଥିପାଇଁ ସହମତି ପ୍ରକାଶ ପାଇଛି। ବର୍ତମାନ ଏହି ପ୍ରସଙ୍ଗରେ ବିଶେଷଜ୍ଞ ମାନଙ୍କ ପରାମର୍ଶ ନିଆଯିବ। ନିର୍ବାଚନ କମିଶନ କହିଛନ୍ତି ଯେ ବର୍ତମାନର ପ୍ରଚଳିତ ଆଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଭୋଟର କାର୍ଡ ସହ ଆଧାର ଲିଙ୍କ୍ କରାଯିବ। ତେବେ ଏହା ବାଧ୍ୟତାମୂଳକ ଭାବେ ନୁହେଁ, ସମ୍ପୂର୍ଣ୍ଣ ଇଚ୍ଛାଧୀନ ଭାବେ କରାଯିବ ବୋଲି କମିଶନ କହିଛନ୍ତି। ନିର୍ବାଚନ କମିଶନଙ୍କ କହିବାନୁଯାୟୀ ସମ୍ବିଧାନର ଧାରା ୩୨୬ ଅନୁସାରେ ମତଦାନର ଅଧିକାର କେବଳ ଭାରତୀୟ ନାଗରିକଙ୍କୁ ମିଳିଥାଏ। କିନ୍ତୁ ଆଧାର ହେଉଛି କେବଳ ଜଣେ ବ୍ୟକ୍ତିଙ୍କ ପରିଚୟ। ସେଥିପାଇଁ ନିଷ୍ପତି ହୋଇଛି ଯେ ଭୋଟର ପରିଚୟ ପତ୍ର ସହିତ ଆଧାର ନମ୍ବରର ଲିଙ୍କ କରାଇବା ଲାଗି ସମସ୍ତ ଆଇନ ପାଳନ କରାଯିବ। ଭୋଟର କାର୍ଡ ସହ ଆଧାର ଲିଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ପାରଦର୍ଶିତା ଓ ସମାବେଶିତାକୁ ପ୍ରୋତ୍ସାହିତ କରିବା। ଏଥିପାଇଁ ନିର୍ବାଚନ କମିଶନ ବିଶେଷଜ୍ଞଙ୍କ ମତ ସହ ବିଭିନ୍ନ ଦଳର ପରାମର୍ଶ ଲୋଡ଼ାଗଲା । ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ବୈଠକ କରିବାକୁ ନିଷ୍ପତି ନେଇଛନ୍ତି। ଏଥିସହ ନିର୍ବାଚନ କମିଶନ ମଧ୍ୟ ଏହି ମାମଲାରେ ସମସ୍ତ ଜାତୀୟ ଓ ରାଜ୍ୟ ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳମାନଙ୍କ ଠାରୁ ଏପ୍ରିଲ ୩୦ ସୁଦ୍ଧା ଆବଶ୍ୟକ ପରମର୍ଶ ମାଗିଛନ୍ତି। ସରକାର ସଂସଦରେ କହିଛନ୍ତି ଯେ ଭୋଟର କାର୍ଡ ସହ ଆଧାର ଲିଙ୍କ୍ ବ୍ୟବସ୍ଥା ଚାଲୁରହିଛି। ଏଥିପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇନାହିଁ।

# ମୂଲ୍ୟବାନ ଗଛ କାଟିନେଲେ ଦୁର୍ବୃତ୍ତ: ଥାନାରେ ଅଭିଯୋଗ

କେନ୍ଦ୍ରାପଡ଼ା,୨୦/୩ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କନ୍ତିଆ ଜଗନ୍ନାଥପୁର ଗ୍ରାମର ଉଦୟ କୁମାର ଜେନାଙ୍କ ନିଜସ୍ୱ ସମ୍ପତିରେ ଥିବା ମୂଲ୍ୟବାନ୍ ଗଛ ଗୁଡିକୁ ସେହିଗ୍ରାମର କେତେକ ଖଳ ପ୍ରକୃତିର ଲୋକ ଜୋର ଜବରଦସ୍ତ କାଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ବୁଧବାର ପ୍ରାୟ ୧୨ଟା ସମୟରେ ପ୍ରଶାନ୍ତ କୁମାର ସ୍ୱାଇଁ ଓ ୮-୧୦ ଜଣ ଲୋକ ଜୋର ଜବରଦସ୍ତ ତାଙ୍କ ଗଛ ଗୁଡିକୁ କାଟି ଦେଇଛନ୍ତି । ଶ୍ରୀ ଜେନା ଏ ବିଷୟରେ ବିରୋଧ କରିବାରୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ କରି ସଦର ଥାନାରେ ଏତଲା ଦିଆଯାଇଛି ।

# ଜୀ ସାର୍ଥକରେ ମାର୍ଚ୍ଚ ୨୨ରୁ 'ଦେଖିବା ଟିଭି ଜିତିବା ଇଭି'




ଭୁବନେଶ୍ୱର, ୨୦/୩ (ନି.ପ୍ର): ଓଡିଶାର ନମ୍ବର ୧ ଚ୍ୟାନେଲ ଓ ଘରେ ଘରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଜୀ ସାର୍ଥକ ସର୍ବଦା ଦର୍ଶକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସୁଛି । ମନଛୁଆଁ ଧାରାବାହିକ, ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ବା ବାସ୍ତବବାଦୀ ଚଳଚ୍ଚିତ୍ର ଭେଟିଦେଇ ସାଜିଛି ଦର୍ଶକଙ୍କର ପ୍ରଥମ ପସନ୍ଦ । ଦର୍ଶକଙ୍କ ପାଖରୁ ମିଳୁଥିବା ଅଗଣିତ ଭଲପାଇବାକୁ ଧ୍ୟାନରେ ରଖି ଦର୍ଶକଙ୍କୁ ଟିଭି ଦେଖିବା ମାଧ୍ୟମରେ ଉପହାର ଜିତିବାର ସୁଯୋଗ ଦେଉଛି ଜୀ ସାର୍ଥକ । ଜୀ ସାର୍ଥକରେ ଆରମ୍ଭ ହେବାକୁ ଯାଉଛି 'ଦେଖିବା ଟିଭି ଜିତିବା ଇଭି' ପ୍ରତିଯୋଗିତା, ଯେଉଁଠାରେ ଦର୍ଶକେ ସନ୍ଧ୍ୟା ୭,୩୦ ରୁ ୯.୩୦ ମଧ୍ୟରେ ପ୍ରସାରିତ ହେଉଥିବା ଧାରାବାହିକରେ ଦିଆଯାଉଥିବା ସାଧାରଣ ପ୍ରଶ୍ନର ଉତ୍ତର ଦେଇ ଉପହାର ଜିତିପାରିବେ । ମାର୍ଚ୍ଚ ୨୨ ରୁ ମେ ମାସ ୨୫ ତାରିଖ ଯାଏଁ ଏହା ଆୟୋଜିତ ହେବାକୁ ଯାଉଛି ଯାହା ପାଇଁ ଆପଣଙ୍କୁ ପ୍ରଶ୍ନର ଉତ୍ତର ଦେବା ପାଇଁ ସ୍କ୍ରିନରେ ଦେଖାଯାଉଥିବା ନମ୍ବରରେ ମିସ୍ କଲ ଦେବାକୁ ପଡିବ । ଏହି ପ୍ରତିଯୋଗିତା ମାଧ୍ୟମରେ ୫ ଜଣ ବିଜେତା ବ୍ୟାଟେରୀ ଚାଳିତ ଗାଡି ଜିତି ପାରିବେ ଓ ଅନ୍ୟ ପକ୍ଷରେ ଦୈନିକ ୧୧୦୦ ପ୍ରତିଯୋଗୀ ମାସିକ ୨୯୯ ଟଙ୍କାର ରିଚାର୍ଜ ପ୍ଲାନ ଜିତି ପାରିବେ । ତେବେ ଏହାର ସମୟ ସୀମା ମାର୍ଚ୍ଚ ୨୨ ତାରିଖରୁ ମେ ମାସ ୨୫ ତାରିଖ ଯାଏଁ ରହିଛି । ଏବେ ଟିଭି ଦେଖି ଆକର୍ଷଣୀୟ ଉପହାର ଜିତିବାର ସୁଯୋଗକୁ ହାତଛଡା କରନ୍ତୁ ନାହିଁ । ଆପଣଙ୍କ ଭାଗ୍ୟରେ ହୁଏତ ଥାଇ ପାରେ ନୂଆ ଇଭି ବାଇକ ଯେଉଁଥି ପାଇଁ, କେବଳ ଟିଭି ଦେଖୁଥିବା ସମୟରେ ପ୍ରଶ୍ନର ଉତ୍ତର ଦେବାକୁ ପଡିବ । ତେବେ ଆସନ୍ତା ମାର୍ଚ୍ଚ ୨୨ ରୁ ମଇ ୨୫ ତାରିଖ ଭିତରେ ଜୀ ସାର୍ଥକରେ ମନ ପସନ୍ଦର ଧାରାବାହିକ ଦେଖି ପ୍ରଶ୍ନର ଉତ୍ତର ଦେଇ ଇଭି ଗାଡି ସହିତ ଉପହାର ଜିତନ୍ତୁ ବୋଲି ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ଶ୍ରୀ ପ୍ରତୀକ ସିଲ୍ ।

## ନିଆରା ଦୋଳ ଉତ୍ସବ



ବାଲିଆପାଳ, ୨୦/୩ (ନି.ପ୍ର): ଆଜିବି ଚାଲିଛି ପରମ୍ପରା ନୀତି । ନିଆରା ଢଙ୍ଗରେ ପୂଜାପାନ୍ତି ପ୍ରଭୁ । ଦୋଳ ପୂର୍ଣ୍ଣିମା ଝୋଲଣରେ ଆସନ୍ତି ପ୍ରଭୁ ରାଧାକୃଷ୍ଣଙ୍କ । ଲହୁଣୀ ଖେଳଠୁ ଆରମ୍ଭ କରି ଗୁଗୁଷ୍ଟ ପୂଜା ପର୍ଯ୍ୟନ୍ତ ଚାଲେ ପ୍ରଭୁଙ୍କ ନୀତିକାନ୍ତି । ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଡଗରା ଓ ଚଉମୁଖ ଗ୍ରାମରେ ଦେଖିବାକୁ ମିଳିଛି ପ୍ରଭୁ ରାଧାକୃଷ୍ଣ ଏଭଳି ନିଆରା ନୀତିକାନ୍ତି ପର୍ବ । ୧୯୬୧ ମସିହାରୁ ଡଗରା ଓ ଚଉମୁକ କମିଟି ପକ୍ଷରୁ ସେହି ଗାଁରେ ଏଭଳି ଦୋଳ ଉତ୍ସବ ପାଳନ ହୋଇଆସୁଛି । ଦୋଳ ପୂର୍ଣ୍ଣିମା ପାଖରୁ ଏହି ପର୍ବ ଆରମ୍ଭ ହୋଇଥାଏ । ପ୍ରତ୍ୟେକ ଗୋପାଳଙ୍କ ଘରୁ ଗୋଟିଏ ଗୋଟିଏ ଥାଳି ଆଣି ଏହି ଉତ୍ସବକୁ ଆରମ୍ଭ କରାଯାଉଥିବା ବେଳେ ଗ୍ରାମର ଆଖ ପାଖରେ ଥିବା ପ୍ରତ୍ୟେକ ମନ୍ଦିରରୁ ପ୍ରଭୁ ରାଧାକୃଷ୍ଣ ଝୋଲଣରେ ଏହି ଉତ୍ସବ କୁ ଆସନ୍ତି । ୭ ଦିନ ପ୍ରଭୁ ସେହି ଠାରେ ରହିବା ସହିତ ପ୍ରତ୍ୟେକ ଦିନ ପ୍ରଭୁଙ୍କ ନୀତିକାନ୍ତି ସହିତ ଏକ ବିଶାଳ ଅନ୍ନମହୋତ୍ସବ ର ମଧ୍ୟ ଆୟୋଜନ ହୋଇ ଏହି ପର୍ବ ଶେଷ ହୋଇଥାଏ । କିନ୍ତୁ ଦୋଳ ପୂର୍ଣ୍ଣିମାକୁ ସାରା ଓଡ଼ିଶାରେ ବେଶ ଧୂମଧାମ ରେ ପାଳନ କରାଯାଉଥିବା ବେଳେ ଡଗରା ଚଉମୁଖ ରେ ଏଭଳି ନିଆରା ପୂଜା ଓ ନୀତିକାନ୍ତିକୁ ଦେଖି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି ।

## ନୂତନ ଅଙ୍ଗନବାଡି ଗୃହ ଉଦ୍ଘାଟିତ




ଜଳେଶ୍ୱର, ୨୦/୩ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମରେ ଥିବା ଅଙ୍ଗନବାଡି ଗୃହ (୩) ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ନୂତନ ଗୃହ ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଗୃହ ନିର୍ମାଣ ହୋଇଥିଲା ।କିନ୍ତୁ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡିଥିଲା ।କୁନି କୁନି ପିଲା ମାନେ ଅଙ୍ଗନବାଡି ଦିଦିଙ୍କ ଘରେ ବସି ପାଠ ପଢୁଥିଲେ ।ତେଣୁ ସରପଞ୍ଚ ତପନୀ ଭୂୟାଁ ଆରୁହା ପଞ୍ଚାୟତରୁ ଅର୍ଥ ମଞ୍ଜୁର କରି ବାକି ଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇ ଆଜି ତାର ଉଦଘାଟନୀ ଉତ୍ସବ ଆହୋଜିତ ହୋଇଥିଲା ।ଏହି ଉଦଘାଟନୀ ଉତ୍ସବରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ ।ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ବିଭାଗର ଅଧିକାରିଣୀ ସଲିମା ରାଉତ, ସରପଞ୍ଚ ତପନୀ ଭୂୟାଁ, ପଞ୍ଚାୟତ ସମିତି ସଦସ୍ୟା ମଧୁମିତା ମହାନ୍ତି,କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରଭାକର ଷଡ଼ଙ୍ଗୀ, ଜୁନିୟର ଇଞ୍ଜିନିୟର ସୁନନ୍ଦା ବେହେରା, ନାଏବ ସରପଞ୍ଚ ବରୁଣ କୁମାର ଜେନା,ସ୍ଥାନୀୟ ୱାର୍ଡ ମେମ୍ବର ଗତୀକୃଷ୍ଣ ଦାସ,ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର,ସମାଜ ସ୍ୱେୀ ଶ୍ରିକଣ୍ଠ ମହାନ୍ତି,ସାମ୍ବାଦିକ ମନୋଜ କୁମାର ଭୂୟାଁ,ଗ୍ରାମ ମୁଖ୍ୟ ରାମକୃଷ୍ଣ ଭୂୟାଁ ଅତିଥି ଭାବେ ଯୋଗଦେଇ ଥିଲେ ।ପଞ୍ଚାୟତର ପିଇଓ ଶଙ୍କର ନାରାୟଣ ସାହୁ,ଡିଇଓ ବିନୋଦ ବେହେରା,ସୁପରଭାଇଜର ସୁସ୍ମିତା ପଣ୍ଡା, ଶ୍ରଦ୍ଧାଞ୍ଜଳି ଭାରତୀ,ସେହି ଅଙ୍ଗନବାଡି ର କର୍ମୀ ପ୍ରତିଭା ମଞ୍ଜରୀ ଦାସଙ୍କ ସହ ଭାରତୀ ବାରିକ, ହେମାଙ୍ଗିନି ପାଣିଗ୍ରାହୀ, ତପଶ୍ୱିନି ପାଣିଗ୍ରାହୀ, ଅପର୍ଣା ରାଣୀ ପ୍ରଧାନ, ହରିପ୍ରୀୟା ବେହେରା, କିରଣବାଳା ମାହାନ୍ତିଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଓ ପଞ୍ଚାୟତ ର ୱାର୍ଡ ସଭ୍ୟ ସଭ୍ୟା ତଥା ପିଲା ମାନଙ୍କର ଅଭିଭାବକ ଅଭିଭାବକା, ଗ୍ରାମବାସୀ ମାନେ ଯୋଗ ଦେଇ ସହଯୋଗ କରିଥିଲେ।

## ବାଲିଆପାଳରେ ବେଆଇନ କରତ କଳ ଉପରେ ଚଢ଼ାଉ: ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ




ବାଲିଆପାଳ, ୨୦/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅଂଚଳରେ ଦୀର୍ଘ ଦିନ ହେବ ଅନେକ ଗୁଡିଏ ବେଆଇନ କରତ କଳ ଚାଲିଥିଲା,ଏନେଇ ବାରମ୍ବାର ବନ ବିଭାଗ ପାଖରେ ଅଭିଯୋଗ ହୋଇ ଆସୁଥିଲା। ତେବେ ଆଜି ଏହି ଅଭିଯୋଗକୁ ଆଧାର କରି କଟକ ଭିଜିଲାନ୍ସ, ବାଲେଶ୍ୱର ଭିଜିଲାନ୍ସ, ଲଙ୍ଗଳେଶ୍ୱର ବନ ବିଭାଗ ଓ ବାଲିଆପାଳ ପୋଲିସର ଏକ ୧୫ ଜଣିଆ ଟିମ ମିଳିତ ଭାବରେ ଦାଉଣିଦା ଓ ପଞ୍ଚରୁଖୀ ଅଞ୍ଚଳରେ ଥିବା ଦୁଇଟି ବେଆଇନ କରତ କଳ ଉପରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହିତ ମୂଲ୍ୟବାନ କାଠ ଜବତ କରାଯାଇଛି। ଏହି ଚଢାଉ ସମୟରେ କଟକ ଭିଜିଲାନ୍ସ ର ରଜନୀ ମହାନ୍ତି,ତାପସ ପଣ୍ଡା, ବାଲେଶ୍ୱର ରୁନା ସେଠି,ବିଜୟ ପ୍ରଧାନ, ଲଙ୍ଗଳେଶ୍ୱର ବନପାଳ ମନୋଜ ଧଡା, ବନରକ୍ଷୀ ସାଗରିକା ସିଂ ସମେତ ବାଲିଆପାଳ ପୋଲିସ ଚଢ଼ାଉ ରେ ସାମିଲ ହୋଇଥିଲେ।

## ଓଡ଼ିଶାରୁ ଚାଇନା ନେଉଛି ଲୁହାପଥର

ଭୁବନେଶ୍ୱର, ୨୦/୩ (ନି.ପ୍ର): ଓଡ଼ିଶାରୁ ଚାଇନା ନେଉଛି ଲୁହପଥର । ବିଗତ ତିନି ବର୍ଷରେ ୨୪ ସହ ୧୮ କୋଟି ୮୫ ଲକ୍ଷ ରାଜସ୍ୱ ଆଦାୟ ହୋଇଥିବା ବେଳେ ୪ କୋଟି ୧୮ ଲକ୍ଷ ୭୯ ହଜାର ୦୫୦ ମେଟ୍ରିକ ଟନ ଲୁହାପଥର ରପ୍ତାନି ହୋଇଛି । ୨୦୨୨-୨୩ ରେ ରାଜସ୍ୱ ଆଦାୟ ହୋଇଛି ୩୧୨ କୋଟି ୮ ଲକ୍ଷ ଟଙ୍କା । ୨୦୨୩-୨୪ରେ ରାଜସ୍ୱ ଆଦାୟ ହୋଇଛି ୧ହଜାର ୮୬ କୋଟି ୯୬ ଲକ୍ଷ । ସେହିପରି ଚଳିତ ବର୍ଷ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ୧ହଜାର ୧୯ କୋଟି ୮୦ ଲକ୍ଷ ରାଜସ୍ୱ ଆଦାୟ ହୋଇଛି ।

## ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କୀତ ଜିଲ୍ଲାସ୍ତରୀୟ କର୍ମଶାଳା-ତଥା ପ୍ରଶିକ୍ଷଣ ଶିବିର

ବାରିପଦା , ୨୦/୩ (ନି.ପ୍ର): ସୂଚନା ଅଧିକାର ଆଇନର ୨୦୦୫ର ଅଧିନିୟମ ୪(୧)(ବି ) ର ପୂର୍ଣ୍ଣାଙ୍ଗ କାର୍ଯ୍ୟନ୍ୱୟନ ଉଦେଶ୍ୟରେ ଆଜି ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ସକରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶ ଓ ମାର୍ଗ ଦର୍ଶୀକା ଅନୁଯାୟୀ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଉକ୍ତ ଜିଲ୍ଲା ସ୍ତରୀୟ କର୍ମଶାଳା ତଥା ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଶୋଇ ତହସିଲଦାର ଶ୍ରୀ ସତ୍ୟବାନ ନାୟକ, ଆର ଟି ଆଇ ର ବିଶାରଦ ଶ୍ରୀ ରଶ୍ମି ରଞ୍ଜନ ରାଉତ,ଜିଲ୍ଲା ସଂଯୋଜକ ଶ୍ରୀ କ୍ରିଷ୍ଣାନ୍ଦୁ ବିକାଶ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାକୁ ଉଦଘାଟନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ତାଙ୍କ ବକ୍ତବ୍ୟ ରେ କହିଥିଲେ କି ସ୍ୱଚ୍ଛ ଓ ନିରପେକ୍ଷ ଶାସନ ନିମନ୍ତେ ସୂଚନା ଅଧିକାର ଆଇନ ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ସମ୍ମାନିତ ଅତିଥି ଶ୍ରୀ ନାୟକ,ସୂଚନା ଅଧିକାର ଆଇନ ରେ ଅଧିକାରୀ ମାନେ ଆବେଦନ କାରୀଙ୍କୁ ସକାରାତ୍ମକ ମନଭାବ ରଖି ସୂଚନା ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଭାଗରୁ ୧୦୦ ରୁ ଉର୍ଦ୍ଧ ଜନସୂଚନା ଅଧିକାରୀ/ପ୍ରଥମ ଅପିଲ କତୃପକ୍ଷ ପ୍ରଶିକ୍ଷାର୍ଥୀ ଭାବେ ଅଂଶ ଗ୍ରହଣ କରିଥିଲେ। ଭୁବନେଶ୍ୱର ଲୁମିନିୟସରୁ ଆସିଥବା ସୂଚନା ଅଧିକାର ଆଇନର ବିଶାରଦ ତଥା ରାଜ୍ୟ ସାଧନ ବ୍ୟକ୍ତି ଶ୍ରୀ ରଶ୍ମି ରଞ୍ଜନ ରାଉତ ଉକ୍ତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶେଷ କରି ସୂଚନା ଅଧିକାର ଆଇନ ୨୦୦୫ ଅଧିନିୟମ ୪(୧)(ବି )ଅନ୍ତର୍ଗତ ୧୭ ପଏଣ୍ଟସ ପ୍ରୋଆକ୍ଟିଭ ଡିସକ୍ଲୋଜର ସମସ୍ତ ଆନୁସଙ୍ଗିକ ତଥ୍ୟର ଅପଡେସନ ସହିତ ଆର ଟି ଆଇ ପୋର୍ଟାଲ ରେ ଏହାକୁ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଅପଲୋଡ଼ କରିବା, ଅନଲାଇନ ପ୍ରକ୍ରିୟା ରେ ଆବେଦନ ପତ୍ରଗ୍ରହଣ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦକାରୀଙ୍କୁ ସୂଚନା ପ୍ରଦାନ, ଆବଶ୍ୟକ ସ୍ଥଳେ ଆବେଦନକାରୀଙ୍କ ଆବେଦନ ପତ୍ରକୁ ଅନ୍ୟ ବିଭାଗର ସମ୍ପୃକ୍ତ ଜନ ସୂଚନା ଅଧିକାରୀଙ୍କୁ ଟ୍ରାନ୍ସଫର କରିବା, କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ସମ୍ବନ୍ଧିତ ଆର୍ଥିକ ଦେଣନେଣ ର ହିସାବ ରଖିବା ପାଇଁ ବ୍ୟାଙ୍କରେ ସ୍ୱତନ୍ତ୍ର ଖାତା ଖୋଲିବା ଓ ଏହାର ସଠିକ ପରିଚାଳନା ସର୍ବୋପରି ସୂଚନା ଅଧିକାର ଆଇନ ସମ୍ପର୍କୀତ ଆବେଦନ ପତ୍ରର ସମ୍ପୂର୍ଣ୍ଣ ବାର୍ଷିକ ବିବରଣୀ ଅନଲାଇନ ଜରିଆରେ କିପରି ଦାଖଲ ହେବ ସେ ସମ୍ପର୍କରେ ବିଶଦ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶ୍ନ ଉତ୍ତର ଅଧିବେଶନ ରେ ପ୍ରଶିକ୍ଷାର୍ଥୀ ମାନେ ଆବେଦନ ପତ୍ରର ଉତ୍ତର ଦେବା ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ସମସ୍ୟା, ପ୍ରତିବନ୍ଧକ ବାବଦରେ ପଚାରି ନିଜ ନିଜ ସନ୍ଦେହ ଦୂର କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି କର୍ମଶାଳାର ସଫଳତା ପାଇଁ ସମସ୍ତ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି କାର୍ଯ୍ୟକ୍ରମକୁ କେବଳ ପ୍ରଶିକ୍ଷଣ ଶିବିର ଭାବେ ବିବେଚନା ନକରି ବରଂ ଏକ ପ୍ରେରଣାଦାୟୀ କର୍ମଶାଳା ଭାବେ ଗ୍ରହଣ କରି ଜିଲ୍ଲାର ସମସ୍ତ ଅଧିକାରୀ ବୃନ୍ଦ ଉତ୍ସାହର ସହିତ ଏହି ଅପଡେସନ କାର୍ଯ୍ୟକୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ନିଜ ନିଜ ସ୍ତରରେ ସମ୍ପୂର୍ଣ୍ଣ କରିବେ ବୋଲି ଆଶା ପୋଷଣ କରିଥିଲେ। ଆଜିର କାର୍ଯ୍ୟକ୍ରମ କୁ ପ୍ରଚାର ପ୍ରସାର କରିବା ଉଦେଶ୍ୟ ନେଇ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଶ୍ରୀକାନ୍ତ ବେହେରା, ଲଳିତ ରଞ୍ଜନ ନାଏକ, ମିସ ଛିଟା ସୋରେନ, ଶିବ ଶଙ୍କର ଦତ୍ତ ଓ ରବି ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିହାର ବିଜେପିକୁ ...

ଦଳ ଯେଉଁ ନୀତି ଉପରେ କାମ କରେ, ଆମେ ସେହି ନୀତିଗୁଡ଼ିକୁ ଅନୁସରଣ କରୁ । କିଛି ଲୋକ ଅଛନ୍ତି ଯେଉଁମାନେ ଦଳକୁ ବଦ୍‌ନାମ କରୁଛନ୍ତି, ତେଣୁ, ପ୍ରକାଶିତ ତାଲିକାରେ ଆମେ ସେହି ପଦବୀରୁ ଇସ୍ତଫା ଦେଇଛୁ । ଦଳ ସହିତ ରହିବେ । ରାଜ୍ୟ ସଭାପତିଙ୍କୁ ଭେଟିବା ପରେ ହିଁ ପରବର୍ତ୍ତୀ ନିଷ୍ପତ୍ତି ନେବି । ପ୍ରମୋଦ ଚନ୍ଦ୍ରବଂଶୀ କହିଛନ୍ତି, ଆମେ ରାଜୌଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ଆସିଛୁ । ଦଳ ପାଇଁ ମୁଁ ଅନେକ କାମ କରିଛି, ମୁଁ କରିଥିବା କାମ ବିଷୟରେ ମଧ୍ୟ ଦଳ ଅବଗତ, କିନ୍ତୁ ଜିଲ୍ଲା ସଭାପତି ଏକ ଭୁଲ ନିଷ୍ପତ୍ତି ନେଇଛନ୍ତି ଏବଂ ଏହି ଭୁଲ ନିଷ୍ପତ୍ତିର ପରିଣାମ ହେଉଛି ତାଲିକା ପ୍ରକାଶ ପାଇବା ପରେ, ମୋତେ ଦିଆଯାଇଥିବା ପଦବୀରୁ ଇସ୍ତଫା ଦେଇଦେଲି । ରାଜ୍ୟ ସଭାପତିଙ୍କୁ ଭେଟିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ।

### କୁଆଡ଼େ ଗଲା କିଟ୍ ତଦନ୍ତ...

କେବେ ଗୃହରେ ଉପସ୍ଥାପନ ହେବ ବୋଲି ପ୍ରଶ୍ନ କରିଥିଲେ ଦୁଇ ବିଧାୟକ । କଂଗ୍ରେସ ମଧ୍ୟ ଦାବି କରିଛି, ତୁରନ୍ତ ରିପୋର୍ଟ ସାର୍ବଜନୀନ କରି ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । କିଟ୍ କ୍ୟାମ୍ପସରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ଫେବ୍ରୁଆରୀ ୧୮ରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ ରାଜ୍ୟ ସରକାର । ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ୩ ଜଣିଆ କମିଟି କିଟ୍‌କୁ ଯାଇ ତଦନ୍ତ ଆରମ୍ଭ କରିଥିଲେ । ଗୃହରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଲିଖିତ ଉତ୍ତର ଅନୁସାରେ ଏହି କମିଟି ୩ଟି ପର୍ଯ୍ୟାୟରେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କୁଳପତିଙ୍କ ସହ ୧୭ ଜଣ ଅଧିକାରୀ ଏବଂ ୩ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପଚରାଉଚରା କରିଛି । କିନ୍ତୁ ଏ ଯାଏଁ ତଦନ୍ତ କେଉଁଠି ପହଁଚିଲା, କେବେ ସରକାରଙ୍କୁ ରିପୋର୍ଟ ଦେବେ ସେ ନେଇ କୌଣସି ସ୍ପଷ୍ଟ ସୂଚନା ସାମ୍ନାକୁ ଆସି ପାରୁ ନାହିଁ । ପ୍ରଶ୍ନ ଉଠୁଛି ଉଚ୍ଚସ୍ତରୀୟ କମିଟିର ତଦନ୍ତ ନିଷ୍କର୍ଷ ସଂପର୍କରେ କାହିଁକି ଏଯାଏଁ ସ୍ପଷ୍ଟତା ଆସୁନି, କାହିଁକି କାର୍ଯ୍ୟାନୁଷ୍ଠାନରେ ହେଉଛି ଏତେ ବିଳମ୍ବ, ସମୟ ଗଡ଼ାଇବା ପଛରେ କୌଣସି ଚାପ କାମ କରୁନାହାନ୍ତି ତ, ଯାକୁ ନେଇ ଏବେ ଚର୍ଚ୍ଚା ହେଉଛି । ସେପଟେ କିଟ୍ ତଦନ୍ତ ସଂପର୍କିତ ପ୍ରଶ୍ନକୁ ଏଡ଼ାଇ ଯାଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହା ଭିତରେ ଘଐଜଉର ଏକ ଟିମ୍ ଗତ ୬ ତାରିଖରେ ଓଡ଼ିଶା ଆସି, କିଟ୍ ସଂପର୍କିତ ତଦନ୍ତ କରି ଫେରିଯାଇଛି । ତେବେ ଟିମ୍ କ'ଣ ରିପୋର୍ଟ ଦେଲା ସେ ସଂପର୍କରେ କୌଣସି ସୂଚନା ମିଳିପାରି ନାହିଁ । ଅନ୍ୟପକ୍ଷରେ ଜମି ଜବରଦଖଲ ଅଭିଯୋଗ ମାମଲାରେ ଅଚ୍ୟୁତ ସାମନ୍ତ ଏବଂ ଅନ୍ୟମାନଙ୍କ ନାଁରେ ଇନଫୋସିଟି ଥାନାରେ ଯେଉଁ ମାମଲା ରୁଜୁ ହୋଇଥିଲା, ସେ ସଂପର୍କରେ ଖୋଳତାଡ଼ କରାଯାଉଛି ବୋଲି ସୂଚନା ଦେଇଛନ୍ତି ପୋଲିସ୍ କମିଶନର । ଗତ ୧୨ ତାରିଖରେ ଟଙ୍କପାଣି ରୋଡ୍ ଅଞ୍ଚଳର ବଂଶୀଧର ବେହେରା ନାମକ ଜଣେ ବ୍ୟକ୍ତି କିସ୍ ପାଖରେ ଥିବା ତାଙ୍କର ଶହେ ଡିସିମିଲ୍ ଜମିକୁ ଜବରଦଖଲ ଅଭିଯୋଗ ଆଣି ଥାନାରେ ଏତଲା ଦେଇଥିଲେ।

### ଆଜିଠୁ ସକାଳୁଆ ...

ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ସକାଳ ୭ଟାରୁ ୯ଟା ଯାଏଁ କରିବା ପାଇଁ ଗତକାଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି । ଆବଶ୍ୟକସ୍ଥଳେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ନିଜ ଜିଲ୍ଲାର ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଛୁଟି କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଥିଲା।

### କଟକରେ ହେବ...

ତେଣୁ ଏହାକୁ ବେସାମରିକ ବିମାନବନ୍ଦର ଭାବେ ବ୍ୟବହାର କରାଯିବାରେ ଏଇଠି ରହିଛି ବାଧା । ସାଂସଦ ଭର୍ତ୍ତୃହରି ମହତାବ ୨୦୨୫ ଫେବ୍ରୁଆରୀ ପ୍ରସ୍ତାବରେ ଚାରବାଟିଆରେ ବିମାନବନ୍ଦରର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ନିକଟରେ ଶିଳ୍ପାଞ୍ଚଳ ଅଭିବୃଦ୍ଧି ଘଟିଥିବାରୁ ଏବଂ କାମ ଆରମ୍ଭ ହୋଇଥିବା ନୂତନ ରାଜଧାନୀ ରିଙ୍ଗ ରୋଡ ଏହାର ପାଖ ବୋଲି ସେ ଉଲ୍ଲେଖ କରିଛନ୍ତି । ତେଣୁ ଏଠାରେ ଅଧିକ କାର୍ଗୋ ହାଣ୍ଡଲିଂରେ କୌଣସି ଅସୁବିଧା ନାହିଁ । ସାଂସଦ ମହତାବ କହିଛନ୍ତି, ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ମାଧ୍ୟମରେ ଚାରବାଟିଆରେ ବିମାନବନ୍ଦର ସମ୍ପର୍କରେ ଜଣାଇଛନ୍ତି । ସେ ଚିଠିରେ ଆହୁରି କହିଛନ୍ତି, ଭୁବନେଶ୍ୱର ବିମାନବନ୍ଦର ସାଚୁରେସନରେ ପହଞ୍ଚିଗଲାଣି। ଚାରବାଟିଆ ଏହାର ଏକ ବିକଳ୍ପ ଭାବରେ କାର୍ଯ୍ୟ କରିପାରିବ । ସୂଚନାଯୋଗ୍ୟ, ପୂର୍ବରୁ ବିଧାୟିକା ସୋଫିଆ ଫିର୍ଦୋସ ମଧ୍ୟ ଏହି ସ୍ଥାନର ୨୬୦ ଏକର ସରକାରୀ ଜମିରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ନେଇ ଦାବି କରିଥିଲେ ।

### କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ...

ଜୟଜିତ ବିଶ୍ୱଜିତଙ୍କ ଉପରେ ଗୁଳି ଚଳାଇଥିଲେ। ଆହତ ବିଶ୍ୱଜିତ ମଧ୍ୟ ପାଲଟା ଗୁଳି ଚଳାଇଥିଲେ। ହସ୍ପିଟାଲ ନେବା ବାଟରେ ବିଶ୍ୱଜିତଙ୍କ ମୃତ୍ୟୁ ହୋଇଯାଇଥିଲା, ଜୟଜିତ ଓ ତାଙ୍କ ମା ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ବେଳେ ମେଡ଼ିକାଲରେ ଚିକିତ୍ସା ଚାଲିଛି ।

### ମୋତେ ଅପମାନିତ...

ତାଙ୍କ ଲଣ୍ଡନ ଗସ୍ତ ସମ୍ପର୍କରେ ମମତା ବାନାର୍ଜୀ କହିଛନ୍ତି ଯେ ତାଙ୍କ ଅନୁପସ୍ଥିତିରେ ମନ୍ତ୍ରୀମାନେ କାର୍ଯ୍ୟ କରିବା ପାଇଁ ମନ୍ତ୍ରଣାଳୟରେ ରହିବେ। ମମତା କହିଥିଲେ ଯେ ଯେତେବେଳେ ଆମ ଦେଶର ନେତାମାନେ ବିଦେଶ ଯାଆନ୍ତି, ଆମେ ସେମାନଙ୍କ ବିରୁଦ୍ଧରେ କିଛି କହୁନାହୁଁ, କିନ୍ତୁ ଏଠାରେ କିଛି ଲୋକ ଅଛନ୍ତି ଯେଉଁମାନେ ହ୍ୱାଟସଆପ୍ ଏବଂ ଇମେଲ୍ ମାଧ୍ୟମରେ ଆମ ବିରୁଦ୍ଧରେ ପ୍ରଚାର କରନ୍ତି। ଲଣ୍ଡନ ଗସ୍ତ ସମୟରେ କିଛି ଲୋକ ଭୁଲ କଥା ପ୍ରସାର କରିବାକୁ ଚେଷ୍ଟା କରୁଛନ୍ତି। ସେ କହିଛନ୍ତି ଯେ ସେହି ଲୋକମାନେ କିଛି ମିଥ୍ୟା କଥା ତିଆରି କରୁଛନ୍ତି ଏବଂ ସେଗୁଡ଼ିକୁ ହ୍ୱାଟସଆପ୍ ଗ୍ରୁପରେ ପଠାଉଛନ୍ତି। ସେମାନେ ଇମେଲ୍ ପଠାଉଛନ୍ତି। ସେମାନେ ପଶ୍ଚିମବଙ୍ଗକୁ ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି। ଦୟାକରି ମୋତେ ଅପମାନିତ କରନ୍ତୁ, ପଶ୍ଚିମବଙ୍ଗକୁ ନୁହେଁ। ଆମେ କିଛି ଇମେଲ୍ ଏବଂ କିଛି ହ୍ୱାଟ୍ସଆପ ମେସେଜ୍ ପାଇଛୁ। ମମତା ବାନାର୍ଜୀ କହିଛନ୍ତି ଯେ ସେମାନେ ଆମକୁ ବଦନାମ କରିବାକୁ ଚାହୁଁଛନ୍ତି। ଈର୍ଷାର କୌଣସି ଔଷଧ ନାହିଁ। ଯେଉଁମାନେ ବିଦେଶରେ ମୋ ବିରୁଦ୍ଧରେ ଇମେଲ୍ ପଠାଉଛନ୍ତି, ସେମାନେ ଲୋକଙ୍କ ଶତ୍ରୁ। ମୁଖ୍ୟମନ୍ତ୍ରୀ ବାନାର୍ଜୀ ଆହୁରି କହିଛନ୍ତି ଯେ ଯଦିଓ ମୁଁ ବିଦେଶରେ ଥାଏ, କୌଣସି ଜରୁରୀକାଳୀନ ପରିସ୍ଥିତିରେ, ମୁଖ୍ୟମନ୍ତ୍ରୀ ସଚିବାଳୟ ମୁଖ୍ୟ ମନୋଜ ପନ୍ତ ଏବଂ ମୁଁ ଫୋନରେ ଉପଲବ୍ଧ ରହିବୁ। ମମତା ମାର୍ଚ୍ଚ ୨୧ ତାରିଖରେ ଲଣ୍ଡନ ଯିବେ ଏବଂ ତାଙ୍କର ବକ୍ତୃତା ମାର୍ଚ୍ଚ ୨୭ରେ ହେବାର କାର୍ଯ୍ୟକ୍ରମ ରହିଛି। ଏହା ପରେ, ସେ ମାର୍ଚ୍ଚ ୨୮-୨୯ ମଧ୍ୟରେ କୋଲକାତା ଫେରିଯିବେ। ଗତ ସପ୍ତାହରେ କେନ୍ଦ୍ର ସରକାର ତାଙ୍କ ଗସ୍ତକୁ ଅନୁମୋଦନ କରିଥିଲେ। ମମତା ବାନାର୍ଜୀ କହିଛନ୍ତି ଯେ ଥରେ ନୀତି ଆୟୋଗର ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ବିଦେଶ ଯିବା ଉଚିତ, ଏହା ନିବେଶ ଆଣିଥାଏ। ସେ କହିଛନ୍ତି ଯେ ସେହି ଲୋକମାନେ କିଛି ମିଥ୍ୟା କଥା ତିଆରି କରୁଛନ୍ତି ଏବଂ ସେଗୁଡ଼ିକୁ ହ୍ୱାଟସଆପ୍ ଗ୍ରୁପରେ ପଠାଉଛନ୍ତି। ସେମାନେ ଇମେଲ୍ ପଠାଉଛନ୍ତି। ସେମାନେ ପଶ୍ଚିମବଙ୍ଗକୁ ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି। ଦୟାକରି ମୋତେ ଅପମାନିତ କରନ୍ତୁ, ପଶ୍ଚିମବଙ୍ଗକୁ ନୁହେଁ। ଆମେ କିଛି ଇମେଲ୍ ଏବଂ କିଛି ହ୍ୱାଟ୍ସଆପ ମେସେଜ୍ ପାଇଛୁ। ମମତା ବାନାର୍ଜୀ କହିଛନ୍ତି ଯେ ସେମାନେ ଆମକୁ ବଦନାମ କରିବାକୁ ଚାହୁଁଛନ୍ତି। ଈର୍ଷାର କୌଣସି ଔଷଧ ନାହିଁ। ଯେଉଁମାନେ ବିଦେଶରେ ମୋ ବିରୁଦ୍ଧରେ ଇମେଲ୍ ପଠାଉଛନ୍ତି, ସେମାନେ ଲୋକଙ୍କ ଶତ୍ରୁ। ମୁଖ୍ୟମନ୍ତ୍ରୀ ବାନାର୍ଜୀ ଆହୁରି କହିଛନ୍ତି ଯେ ଯଦିଓ ମୁଁ ବିଦେଶରେ ଥାଏ, କୌଣସି ଜରୁରୀକାଳୀନ ପରିସ୍ଥିତିରେ, ମୁଖ୍ୟମନ୍ତ୍ରୀ ସଚିବାଳୟ ମୁଖ୍ୟ ମନୋଜ ପନ୍ତ ଏବଂ ମୁଁ ଫୋନରେ ଉପଲବ୍ଧ ରହିବୁ। କିନ୍ତୁ ଅନେକ ଥର ସେମାନେ ବାହାରକୁ ଯିବା ପୂର୍ବରୁ ଆମକୁ ଅନୁମତି ଦିଅନ୍ତି ନାହିଁ। ମୁଁ ଆଶା କରିବି ଯେ ଯେତେବେଳେ ଆମ ଦେଶର ନେତାମାନେ ବିଦେଶ ଯାଆନ୍ତି, ଆମେ ସେମାନଙ୍କ ବିରୁଦ୍ଧରେ କିଛି କହୁ ନାହୁଁ । କିନ୍ତୁ ଏଠାରେ କିଛି ଲୋକ ଅଛନ୍ତି ଯେଉଁମାନେ ହ୍ୱାଟ୍ସଆପ ଏବଂ ଇମେଲ୍ ମାଧ୍ୟମରେ ଆମ ବିରୁଦ୍ଧରେ ପ୍ରଚାର ପ୍ରସାର କରନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବି ...

ତାଙ୍କର ଦାବିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜଣାଇଛନ୍ତି। ରେଳବାଇର ରାଜସ୍ୱ ବୃଦ୍ଧିରେ ରାଉରକେଲା ଓ ଏହାର ପଡ଼ୋଶୀ ଜିଲ୍ଲାଗୁଡ଼ିକର ବଡ଼ ଯୋଗଦାନ ରହିଛି। ଯାତ୍ରୀ ସେବା ଓ ଭିତିଭୂମିକୁ ଦୃଷ୍ଟିରେ ରଖି ରାଉରକେଲା ଠାରେ ରେଳ ଡିଭିଜନ୍‌ର ଆବଶ୍ୟକତା ରହିଛି। ଏତଦ୍ ବ୍ୟତୀତ ରାଉରକେଲା ଠାରେ ନୂଆ ରେଳ ଡିଭିଜନ ପ୍ରତିଷ୍ଠା ହେବା ଦ୍ୱାରା ଭଲ ପ୍ରଶାସନ, ସଂଯୋଗୀକରଣ ଓ ଖଣି ଅଂଚଳର ବିକାଶ ହୋଇପାରିବ। ଶ୍ରୀ ରାୟ ତାଙ୍କର ଦାବିରେ ସେଲ୍ (ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍) ଅଧୀନରେ ପରିଚାଳିତ ରାଉରକେଲା ଷ୍ଟିଲ୍ ପ୍ଲାଂଟର ସଂପ୍ରସାରଣ କଥା ଉଠାଇଛନ୍ତି। ଏଥିରେ ସେ କହିଛନ୍ତି ଜମି ସଂପର୍କିତ ସମସ୍ୟା ପାଇଁ ଆରଏସ୍‌ପିର ୩୦,୦୦୦ କୋଟି ଟଙ୍କାର ସଂପ୍ରସାରଣ ଯୋଜନା ସଫଳ ହୋଇପାରୁ ନାହିଁ। ସେହିପରି ଶ୍ରୀ ରାୟ ରାଉରକେଲା ବିମାନବନ୍ଦରର ସଂପ୍ରସାରଣ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିକଟରେ ଦାବି ରଖିଛନ୍ତି। ପ୍ରମୁଖ ଶିଳ୍ପ, ଶିକ୍ଷା ଓ କ୍ରୀଡ଼ାର କେନ୍ଦ୍ରସ୍ଥଳୀ ହୋଇଥିବାରୁ ରାଉରକେଲା ବିମାନବନ୍ଦରର ସଂପ୍ରସାରଣର ଆବଶ୍ୟକତା ରହିଛି। ରନ୍‌ୱେ ସଂପ୍ରସାରଣ, ରାତ୍ରି ସମୟରେ ବିମାନ ଅବତରଣ ବ୍ୟବସ୍ଥା, ଅଧିକ ବିମାନ କଂପାନିକୁ ଏହି ବିମାନବନ୍ଦର ସହିତ ଯୋଡ଼ିବା, ୪ସି ବର୍ଗରେ ସାମିଲ କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଛନ୍ତି।

### ଓଡ଼ିଶାର ମୁଖ୍ୟ ମହାଡାକପାଳ ...

ଶ୍ରୀ ସିଂହ ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କୁ ଡାକ ସେବା ପ୍ରଦାନ କରୁଥିବା ଓଡ଼ିଶା ଡାକ ପରିମଣ୍ଡଳର ପ୍ରଶାସନ ଓ ପରିଚାଳନା କାର୍ଯ୍ୟ ଅନୁଧ୍ୟାନ କରିବେ। ଏହି ଦାୟିତ୍ୱକୁ ନେଇ ଶ୍ରୀ ସିଂ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ତାଙ୍କ ପାଇଁ ସମ୍ମାନର ବିଷୟ। ଡାକ ବିଭାଗ ସବୁବେଳେ ଜନ ସେବାର ଆଧାର ହୋଇ ରହିଆସିଛି। ଓଡ଼ିଶାରେ ଏହାର ଅଭିବୃଦ୍ଧି ଓ ଆଧୁନିକୀକରଣ ପ୍ରତି ସେ ଧ୍ୟାନ ଦେବେ ବୋଲି କହିଛନ୍ତି ।

ଶୁକ୍ରବାର, ମାର୍ଚ୍ଚ ୨୧, ୨୦୨୫

ଧ୍ୱନି ପ୍ରତିଧ୍ୱନି


ପୃଷ୍ଠା

# ରମାକାନ୍ତ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ



ବାସୁଦେବପୁର, ୨୦/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟିକାଣିଡିହି ଠାରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ ଓ ଏହି ବିଶ୍ୱ ପଖାଳ ଦିବସ ରେ ସମସ୍ତ ସଦସ୍ୟ ଓ ଜନ ସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସମସ୍ତେ ଏହି ଉତ୍ସବରେ ପଖାଳ ଭାତ, ଶାଗ, ବସା ଦହି, ପୋଟଳ ଆଳୁ ଭଜା, ବାଇଗଣ ଭଜା, ଆଳୁ ଚେଚା, ବଡି ଚୁରା ପ୍ରଭୃତି ଭୋଜନ କରିଥିଲେ। ପିଣ୍ଟୁ ପ୍ରଧାନ ଙ୍କ ବାସ ଭବନ ପରିସରରେ ଏହି ପଖାଳ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି ଦିବସରେ ରହିମ ପୁର ଠାରେ ଥିବା ହନୁମାନ ମନ୍ଦିର ରେ ପିଣ୍ଟୁ ବାବୁ ଙ୍କ ସମେତ ସମସ୍ତ ସଦସ୍ୟ ପୂଜାର୍ଚ୍ଚନା କରିଥିଲେ। ସମସ୍ତ ସଦସ୍ୟ ଏହି ରମାକାନ୍ତ ଫାଉଣ୍ଡେସନ ଅନୁଷ୍ଠାନର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ଶପଥ କରିବା ସହିତ ନିଜର ପ୍ରତିଶ୍ରୁତି ରଖିଥିଲେ। ଏହି ପଖାଳ ଦିବସ ରେ ସମସ୍ତେ ନିରାମିଷ ଭୋଜନ କରି ଆନନ୍ଦ ଅନୁଭବ କରିଥିଲେ।

## ମିତ୍ରପୁର ଜଗନ୍ନାଥମନ୍ଦିରକୁ ଭକ୍ତଙ୍କ ଦୁଇଲକ୍ଷ ଟଙ୍କା ଦାନ



ନୀଳଗିରି, ୨୦/୩ (ନି.ପ୍ର): କୋଟିଓଡ଼ିଆଙ୍କ ଆରାଧଦେବତା ଜଗନ୍ନାଥ ମହାପ୍ରଭୁ ସାରାବିଶ୍ୱର କୋଣ ଅନୁକୋଣରେ ବିରାଜମାନ। ଦେଶବିଦେଶରେ ବିଭିନ୍ନ ମଠମନ୍ଦିର ମାନଙ୍କରେ ପ୍ରଭୁଙ୍କ ଆସ୍ଥାନ ରହିଥିବା ବେଳେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିର ଅନତିଦୂରରେ ଅବସ୍ଥିତ ମିତ୍ରପୁର ଜଗନ୍ନାଥମନ୍ଦିର । ସେତେବେଳେ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ନିର୍ମିତ ଉକ୍ତ ମନ୍ଦିରର ସୁପରିଚାଳନା ପାଇଁ ସେଭଳି କୌଣସି ପାଣ୍ଠି ନଥିବା ବେଳେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି ପାଇଁ ଅର୍ଥର ଆବଶ୍ୟକତା ରହିଛି ।ଏଭଳି ପରିସ୍ଥିତିରେ ମିତ୍ରପୁର ଅଞ୍ଚଳର ଜଣେ ଜଗନ୍ନାଥ ପ୍ରେମୀଭକ୍ତ ସ୍ୱର୍ଗତ ସଦାନନ୍ଦ ମହାପାତ୍ରଙ୍କ ପୁଅ ଅଜୟ କୁମାର ମହାପାତ୍ର ଉକ୍ତ ମନ୍ଦିରର ସୁପରିଚାଳନା ପାଇଁ ୨ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ତାଙ୍କର ଏଭଳି ସହଯୋଗ ପାଇଁ ମନ୍ଦିରପରିଚାଳନା କମିଟି ଏବଂ ଅଞ୍ଚଳବାସୀଙ୍କ ତରଫରୁ ସାଧୁବାଦ ଜଣାଯାଇଛି।

# ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ



ଖଇରା, ୨୦/୩ (ନି.ପ୍ର): ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଗୁରୁବାର ଖଇରା ବ୍ଲକ କୁପାରୀ ଜୋନରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିବା ସହ ଭାର୍ଗିଥିବା ପାଣିଟାଙ୍କିକୁ ଠିକ୍‌ଭାବେ ନିର୍ମାଣ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମେ ଜିଲାପାଳ ହାଟଡିହି ଠାରେ ପାଣିର ଉତ୍ସ ଦେଖିବା ସହ ବାଉଁଶଗଡିଆ ଠାରେ ଜଳ ପ୍ରକଳ୍ପ,ବାଉଁଶଗଡିଆ ଜଳ ବିଶୋଧନ ପ୍ଲାଣ୍ଟ ପରିଦର୍ଶନ କରିବା ପରେ ଯଥାଶିଘ୍ର ସମ୍ପୂର୍ଣ୍ଣ ପାଇଁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଖଇରା ବିଡିଓ ନାରାୟଣ ସାହୁ,ଗ୍ରାମ୍ୟପାନୀୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ସମିର ଦେ,ବ୍ଲକ ସହକାରୀ ଯନ୍ତ୍ରୀ ଉତ୍ତମ କୁମାର ସାହୁ ଏବଂ ମେଗା ଜଳ ପ୍ରକଳ୍ପ ଠିକାଦାର ଏନସିସିର ଅଧିକାରୀ ମାନେ ଉପସ୍ଥିତ ଥିଲେ । ପରେ କୁପାରୀ ଶୁନ୍ୟମଣ୍ଡପ ବୁଲିବା ଅବସରରେ ସଞ୍ଚାଳକ ଏବଂ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଶୁନ୍ୟମଣ୍ଡପ ଓ ଶୂନ୍ୟମନ୍ଦିର ମହିମା ସମ୍ପର୍କରେ ପଚାରି ବୁଝିବା ସହ ସହଯୋଗର ହାତ ବଢାଇବାକୁ ପ୍ରତିଶୃତି ଦେଇଥିଲେ। ମେଗା ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ସମ୍ପର୍କରେ ଗୁରୁବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲାପାଳଙ୍କ ଗୁରୁବାର ସକାଳେ କାର୍ଯ୍ୟର ତଦାରଖ କରିଛନ୍ତି। ସେଠାରୁ ଫେରି ଖଇରା ବ୍ଲକ ପରିସରରେ ବିଭିନ୍ନ ଯୋଜାନାର ସମୀକ୍ଷା କରିଥିଲେ ।

# ୧୧ କେଭି ବିଦ୍ୟୁତ୍ ତାର ସମ୍ପର୍କରେ ଆସି ଶ୍ରମିକ ଗୁରୁତର



ବସ୍ତା, ୨୦/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ସଦାନନ୍ଦପୁର ପଞ୍ଚାୟତ ବାଉଁଶମୁଖା ଗ୍ରାମରେ ଗୃହ ନିର୍ମାଣ ବେଳେ ,୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ଗୁରୁତର। ଗୁରୁତର ଶ୍ରମିକ ଜଣକ କଟକ ମେଡିକାଲ କୁ ସ୍ଥାନାନ୍ତର। ବିଦ୍ୟୁତ୍ ବିଭାଗର କୁ ଦାୟୀକରି ଘଟଣା ସ୍ଥଳରେ ଚାପା ଉତ୍ତେଜନା , ଟି.ପି.ଏନଓ.ଡୀଏଲ୍ କର୍ମଚାରୀ ଅଟକ। ସୂଚନା ଅନୁସାରେ ଗ୍ରାମ ର ପଲ୍ଟୁ ବୈଠା ଙ୍କ ପ୍ରଧାନ ମନ୍ତ୍ରୀ ଆବାସ ଗୃହ ନିର୍ମାଣ ପାଇଁ ପୂର୍ବ ରୁ ସ୍ଥିରୀକୃତ ହେଇଥିଲା। ଏନେଇ ଶ୍ରୀ ବୈଠା ନିଜର ଘରବାଡିରେ ଘର କରିବାକୁ ନିଷ୍ପତି ନେଇଥିବା ବେଳେ ଜାଗା ଉପର ଦେଇ ୧୧ଲକ୍ଷ ତାର ଯାଇଥିବାରୁ ଶ୍ରୀ ବୈଠା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ କୁ ଯାଇ ତାର ଖୋଲି କେବୁଲ କରିବା କୁ ଲିଖିତ ଅଭିଯୋଗ କରିଥିଲେ। ଏଥିସହିତ ଜାଗା , ଘର, ଏବଂ ଜାଗା ଉପର ଦେଇ ଯାଇଥିବା ତାର ର ଫଟୋ ଉଠାଇ ବିଭାଗୀୟ ଅଧିକାରୀ ଙ୍କୁ ଦେବା ର ଦୁଇ ବର୍ଷ ବିତିଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ଆଜି ଦ୍ୱିପହର ସମୟ ରେ ଘର କାମ ଚାଲିଥିବା ଅବସ୍ଥାରେ ଜଣେ ଲେବର ଙ୍କ ଅସାବଧାନତା ଯୋଗୁଁ ୧୧ଲକ୍ଷ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବସ୍ତା ପରେ ବାଲେଶ୍ୱର ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିବା ବେଳେ, ଗ୍ରାମବାସୀ ମାନେ ଉତ୍ୟକ୍ତ ହୋଇ ଟି ପି ଡି ଏନ ଓ ଏଲ ର ଜଣେ କର୍ମଚାରୀ ଙ୍କୁ ଅଟକ ରଖିଛନ୍ତି। ଏବଂ ତୁରନ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଘଟଣାସ୍ଥଳ କୁ ଆସି ସମାଧାନ କରିବାକୁ ଦାବି କରିଛନ୍ତି।

# କସିପଦାରେ କିଶୋରି ମେଳା

ବସ୍ତା , ୨୦/୩ (ନି.ପ୍ର): ପୋଷଣ ର ଅଭିବୃଦ୍ଧି ପାଇଁ ଓଡ଼ିଶା ସରକାର ଙ୍କ ଏକ ଅଭିନବ ପ୍ରୟାସ , ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ' ସୋପାନ' କିଶୋରି ମେଳା। ରୂପସା ଥାନା ଅନ୍ତର୍ଗତ ଆଗରଗୋହିରା ୧ ଅଙ୍ଗନୱାଡ଼ି କେନ୍ଦ୍ର ରେ ସମ୍ମନିତ ଶିଶୁ ବିକାଶ ପ୍ରକଳ୍ପ ସଦର ବ୍ଲକ ପକ୍ଷରୁ ସି ଡି ପି ଓ ରଙ୍ଗଲତା ମହାନ୍ତି ଙ୍କ ନିର୍ଦ୍ଦେଶ ରେ ରୂପସା ସେକ୍ଟର ସୁପରଭାଇଜର ମିନତି ବେହେରା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ପଞ୍ଚାୟତ ର ୧୨ ଟି ଅଙ୍ଗନୱାଡ଼ି ରେ ପ୍ରତିଭା ଧାରୀ କିଶୋରି ମାନଙ୍କୁ ନେଇ ବକ୍ତୃତା , ସଙ୍ଗୀତ , ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଜୁନିୟର ମିତ୍ରପୁର ପ୍ରିମିୟର ଲିଗ (ଜେ.ଏମ.ପି.ଏଲ) ଉଦ୍‌ଯାପିତ

ନୀଳଗିରି, ୨୦/୩ (ନି.ପ୍ର): ନୀଳଗିରି ବ୍ଲକ ଅଧିନସ୍ଥ ମିତ୍ରପୁର ଠାରେ ୧୦ମ ସଂସ୍କରଣ ଜୁନିୟର ମିତ୍ରପୁର ପ୍ରୀମିୟର ଲିଗ(ଜେଏମ ପିଏଲ) ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗଦେଇ ଫାଇନାଲ ମ୍ୟାଚର ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଅଞ୍ଚଳରେ ଏଭଳି କ୍ରିକେଟ ମ୍ୟାଚ ଆୟୋଜନ କରାଯାଇ ଉତ୍ସାହୀ ଯୁବକମାନଙ୍କୁ ସୁଯୋଗ ପ୍ରଦାନକରି ସେମାନଙ୍କର ଖେଳୁଆଡ ମନୋଭାବକୁ ଉତ୍ସାହିତ କରିବାସହିତ ସେମାନଙ୍କ ଠାରେ ଥିବା ଅନ୍ତର୍ନିହିତ ଗୁଣକୁ ଲୋକଲୋଚନକୁ ଆଣିବାରେ ପ୍ରୟାସ କରାଯାଇଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଫାଇନାଲ ମ୍ୟାଚ ସର୍ବେଶ୍ୱର ଫାଇଟର ଏବଂ ଏମଏମ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସର୍ବେଶ୍ୱର ଫାଇଟର ଚମ୍ପିୟାନ ହୋଇଥିଲା। ଏହି ଉଦଯାପନୀ ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥିବାବେ ୧୩ନଂ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ବିଜେପିର ଯୁବନେତା ଦେବାଶିଷ ଆଚାର୍ଯ୍ୟଙ୍କ ସହ ଆୟୋଜକ ସଦସ୍ୟ ଅସିତ୍ କୁମାର ଦାସ, ଲିକିନ, ରବି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# 'ପୁରାଣ ପରମ୍ପରାରେ ମାର୍କଣ୍ଡେୟ'ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର , ୨୦/୩ (ନି.ପ୍ର): ପୁରୁଣା ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଆଜି ସନ୍ଧ୍ୟାରେ ଡ. ରଜନୀରଞ୍ଜନ ଦାଶ ଙ୍କ ଲିଖିତ 'ପୁରାଣ ପରମ୍ପରାରେ ମାର୍କଣ୍ଡେୟ' ପୁସ୍ତକଟି ଲୋକାର୍ପିତ ହୋଇଯାଇଛି । ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ଏହି ପୁସ୍ତକର ଲୋକାର୍ପଣ ଉତ୍ସବରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ମଥୁରେନ୍ଦ୍ର ପୃଷ୍ଟି, ବୈଦିକ ବିଶ୍ୱବିଦ୍ୟାଳୟ, ତାମିଲନାଡୁ ର କୁଳପତି ଡ. ହରିହର କାନୁନଗୋ, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଓ ବିଶିଷ୍ଟ କଥାକାର ଡ. ଅଜୟ ସ୍ୱାଇଁ ପ୍ରମୁଖ ଅତିଥିମାନେ ଯୋଗଦେଇ ମାର୍କଣ୍ଡେୟ ଋଷି ଙ୍କର ଭାରତୀୟ ସଂସ୍କୃତି ରେ ଭୂମିକା ଉପରେ ଆଲୋଚନା କରିଥିଲେ । ପ୍ରକାଶକ ବନୋଜ ତ୍ରିପାଠୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ ବବିତା ତ୍ରିପାଠୀଦାଶ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ତନୟା ଦାସ ଗୋସ୍ୱାମୀ । ଅନ୍ୟାନଙ୍କ ସହିତ ଡ. ମହେନ୍ଦ୍ର ମଲ୍ଲିକ୍, ଡ. ପ୍ରଦୀପ ବାରିକ, ଡ. ଦେବାଶିଷ ମହାପାତ୍ର, ଡ. ରମେଶ ଚନ୍ଦ୍ର ପାଣି ପ୍ରମୁଖ ବହୁ ସାହିତ୍ୟିକ, ସମାଲୋଚକ ଯୋଗଦେଇଥିଲେ।

## ରାଜ୍ୟରେ ଖାଲି ପଡିଛି ୧୩ଟି ଆରଟିଓ ପଦବୀ

ଭୁବନେଶ୍ୱର, ୨୦/୩ (ନି.ପ୍ର): ରାଜ୍ୟରେ ୩୮ଟି ମଞ୍ଜୁରୀପ୍ରାପ୍ତ ଆରଟିଓ ପଦବୀ ଥିବାବେଳେ ଏଥିରୁ ୧୩ଟି ପଦବୀ ଖାଲି ପଡିଛି । ସେହିଭଳି ୧୦ଟି ସହକାରୀ ଆରଟିଓ ପଦବୀ ମଧ ଖାଲି ପଡିଛି ।
ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ୬୪ଟି କନିଷ୍ଠ ଏମଭିଆଇ ପଦବୀ ମଧ୍ୟରୁ ୪୯ଟି ଓ ୩୨ଟି ସହକାରୀ ଏମଭିଆଇ ପଦବୀ ମଧ୍ୟରୁ ୩୧ଟି ଖାଲି ପଡିଛି । ତେବେ ଖାଲି ପଡିଥିବା ଆରଟିଓ ପଦବୀରେ ଅନ୍ୟ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ କାମ ଚଳାଇ ନିଆଯାଉଛି ।

# ୨୨ତମ ଜାତୀୟ ନାଟକ ମହୋତ୍ସବ: ୨ୟ ସନ୍ଧ୍ୟାରେ ବାଂଝ ମଞ୍ଚସ୍ଥ



ପାରାଦ୍ୱୀପ, ୨୦/୩ (ନି.ପ୍ର): ବନ୍ଦର ନଗରୀ ପାରାଦୀପର ଜୟଦେବ ସଦନ ଠାରେ କାନମାସ ଦ୍ୱାରା ଆୟୋଜିତ ୨୨ତମ ଜାତୀୟ ନାଟକ ମହୋତ୍ସବର ୨ୟ ସନ୍ଧ୍ୟାରେ ସିରିୟସ ଜୋନ, ନୟାଗଡ଼ର କଳାକାର ମାନେ ଯାମିନିକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରିଥିଲେ ଓଡ଼ିଆ ନାଟକ ବାଂଝ । ଓଡ଼ିଆ ଶବ୍ଦ ବାଂଝର ଅର୍ଥ ଜଣେ ମହିଳା ଯିଏ କେବେ ସନ୍ତାନ ପ୍ରସବ କରିନାହାନ୍ତି । ନାରୀ ହେଉଛି ସାହସ ଏବଂ ସହନଶୀଳତାର ଜୀବନ୍ତ ପ୍ରତିମୂର୍ତ୍ତି । ତେଣୁ ଜୀବନର ଉତ୍ଥାନ ପତନରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମନା କରେ । ଅବିନାଶ ଓ ସୁନନ୍ଦାଙ୍କ ନିଷ୍ପତି ଆମର ତଥାକଥିତ ସାମାଜିକ ସ୍ୱଭାବ ପାଇଁ ଏକ ଦୃଢ଼ ଝଟକା ଥିଲା । ଯେତେବେଳେ କୌଣସି ସାମାଜିକ ବ୍ୟାଧି ସମାଜର ସାଧାରଣ ଗତିରୁ ବିଚ୍ୟୁତି ହୁଏ ସେତେବେଳେ ମହିଳା ହିଁ ତାର ଶିକାର ହୁଅନ୍ତି ଏବଂ କିନ୍ତୁ ସେ ଆଶା ହରାନ୍ତି ନାହିଁ । ସେ ଝୁଣ୍ଟି ପଡ଼ିବା ଏବଂ ବିପଦ ସତ୍ତ୍ୱେ ଆଗକୁ ବଢିବାର ସମସ୍ତ ସାହସ, ଇଚ୍ଛାଶକ୍ତି ଓ କ୍ଷମତାକୁ ଡାକି ନିଅନ୍ତି । ବାଂଝ ହେଉଛି ଏକ ନାଟକ ଯାହା ଓଡ଼ିଶା ମାଟିରେ ପ୍ରଚଳିତ ସାମାଜିକ ନିଷେଧ ବିରୁଦ୍ଧରେ ସଂସ୍କାର ଆଣିବାର ଉଦ୍ଦେଶ୍ୟ ନେଇ ଗଠିତ । ନାଟକରେ କଳାକାର ମାନଙ୍କର ଜୀବନ୍ତ ଅଭିନୟ ଅନେକ ସମୟ ଧରି ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା ଓ ଦର୍ଶକ ମାନେ କାନମାସର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଅତିଥି ଭାବେ ଯୋଗଦାନ କରି ବରିଷ୍ଠ ନାଟ୍ୟବିତ ଦୋଳଗୋବିନ୍ଦ ରଥ, ପ୍ରସିଦ୍ଧ ନାଟ୍ୟକାର ଓ ନିର୍ଦ୍ଦେଶକ କୈଳାଶ ପାଣିଗ୍ରାହୀ, ପାରାଦୀପ କଲେଜର ଅଧକ୍ଷା ଶ୍ରୀମତୀ ସସ୍ମିତା ଶତପଥୀ ନାଟକ ଉପରେ ମତାମତ ରଖିବା ସଙ୍ଗେ ସଙ୍ଗେ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ । ୩ୟ ସନ୍ଧ୍ୟାରେ ସୁମୁଖ ରଙ୍ଗ ମଣ୍ଡଳୀ, ନୂଆ ଦିଲ୍ଲୀର କଳାକାର ମାନେ ଅରବିନ୍ଦ ସିଂହଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ରୁଦାଲୀ ମଞ୍ଚସ୍ଥ କରିବେ ।

# ମଥାନୀ ମା' ସାହାଡା ସୁନ୍ଦରୀ ଅନ୍ଧାରୀ ମଙ୍ଗଳା ପୀଠସ୍ଥଳିରେ ପଞ୍ଚ ଦୋଳଉତ୍ସବ



ବସ୍ତା, ୨୦/୩ (ନି.ପ୍ର): ବାଲେଶ୍ୱରଜିଲ୍ଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ମଥାନୀ ମା ସାହାଡା ସୁନ୍ଦରୀ ଅନ୍ଧାରୀ ମଙ୍ଗଳା ପିଠସ୍ଥଳୀରେଦିର୍ଘ ୨ଶହରୁ ଉର୍ଦ୍ଧବର୍ଷ ଧରି ହୋଲିପର୍ବ ପାଳିତ ହୋଇ ଆସୁଅଛି । ୫ଦିନଧରି ମେଳା ବସିରହିବ ବୋଲି କମିଟି ପକ୍ଷରୁ ସିଧ୍ୟାନ୍ତ ନିଆଯାଇଛି ।ଏହି ଅବସରରେ ଗୁରୁବାର ମଥାନୀ ଦୋଳକମିଟିର ସଭାପତି ଡ. ହରିହର ମହାପାତ୍ର ଉପସଭାପତି ଧିରେନ ପଣ୍ଡିତଙ୍କ ତତ୍ତ୍ୱାବଧାନରେ ପଞ୍ଚଦୋଳ ମେଳାର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ବସ୍ତା ପୁଲିସ ଉପଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ମାନସଦେଓ ମୁଖ୍ୟବକ୍ତା ତହସିଲଦାର ରାଧାରଞ୍ଜନ ଦାସ ଯୋଗଦେଇ ଫିତାକାଟି ମେଳାଉତ୍ସବକୁ ଉଦଘାଟନ କରିଥିଲେ । ଦୁଇଶହ ବର୍ଷଧରି ରଙ୍ଗର ପର୍ବ ହୋଲି ଉତ୍ସବକୁ ସୁଚାରୁ ରୂପେ ଦୋଳକମିଟିର ସଦସ୍ୟ ପରିଚାଳନା କରି ଆସୁଛନ୍ତି ।ଯାହାଫଳରେ ବିଭିନ୍ନ ପ୍ରକାରର ଷ୍ଟଲ ସାଙ୍ଗକୁ ବାଉଁଶ କାରିଗରି ପାଛିଆ କୋଲା ବାଉଁଶ ବିଞ୍ଚଣା ସମେତ କଂସା ବାସନ ଭେରାଇଟି ଷ୍ଟୋର ଫାଷ୍ଟଫୋଡ ଲସି ଦହିବରା ତେଲଭାଜି ଓ ଲୋଗା ଯୋତା ଦୋକାନ ଲାଗିରହିଛି ।ବିବାହ ବ୍ରତ ଓ ଘରକରଣା ର ସମସ୍ତ ସରଞ୍ଜାମ ନେବା ପାଇଁ ମଥାନୀ ଦୁଧହଂସା ବାସୁଚକୁରାଇ ଶ୍ରୀରାମପୁର ରସଲପୁର.ଦରଡା.ସଦାନନ୍ଦପୁର ପଞ୍ଚାୟତର ଜନସାଧାରଣ ରୁଣ୍ଡ ହୁଅନ୍ତି । ଯାହାଫଳରେ ନିଜନିଜ ମଧ୍ୟରେ ଭାଇଚାରା ସୃଷ୍ଟିହୁଏ ।ଏବଂ ବହୁ ଲୋକଙ୍କ ସମାଗମ କୁ ଗୁରୁତ୍ୱଦେଇ ରାତ୍ରୀରେ ଯାତ୍ରା ପାର୍ଟି ନାଟକ ପରିବେଶଣ କରନ୍ତି । ଶାନ୍ତିଶୃଙ୍ଖଳା ପାଇଁ ପ୍ରତ୍ୟେକଦିନ ପୁଲିସ ଓ କମିଟିର ସଦସ୍ୟ ମାନେ ସଜାଗ ରହିଛନ୍ତି । ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରେସକ୍ଲବ ବସ୍ତାର ସଭାପତି ବିଜୟ କୁମାର ଭୂୟାଁ ସାମ୍ବାଦିକ ଶିରିସ ମହାନ୍ତି ସାମ୍ବାଦିକ ରଞ୍ଜନ ବେହେରା ରାଧାଗୋବିନ୍ଦ ଦାସ ସୁଶାନ୍ତ ପ୍ରଧାନ ଜଗତ ଗିରି ପ୍ରଶାନ୍ତ ସେନାପତି ଉପଦେଷ୍ଟାକମିଟିର ମୁଖ୍ୟ ପ୍ରଶାନ୍ତ ମଲ୍ଲୀକ ବଳରାମ ପରିଡା ଦିଲ୍ଲୀପ ଦେ ଦିପକ ରାଉତ କୋଷାଧ୍ୟକ୍ଷ ମନ୍ମଥ ସେଠୀ ଓ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତଥିଲେ । କମିଟିର ସମ୍ପାଦକ ସନ୍ତୋଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କମିଟିର ସଦସ୍ୟ ଧିରେନ ମହାପାତ୍ର ଚନ୍ଦନ ମହାପାତ୍ର ବିଜୟ ମହାପାତ୍ର ଭଜହରି ବିଶ ଜିବନ ବର ଆଲୋକସେଠୀ ପଦ୍ମଲୋଚନଦେ କରୁଣାକର ସେଠୀ ଶଶିକାନ୍ତ ମଲ୍ଲୀକ ଦିପକ୍ ରାଉତ ପରିଚିଳନା ଦାଇତ୍ୱ ବହନ କରିଥିଲେ ।

# ରାଇବଣିଆ ଅଞ୍ଚଳରେ ୫୫ ଟିକିଆ ଜଙ୍ଗଲି ହାତୀଙ୍କ ଉପଦ୍ରବ

ଜଳେଶ୍ୱର, ୨୦/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଦୀର୍ଘ ୫ବର୍ଷ ହେବ ଏହି ଅଞ୍ଚଳରେ ଆତଙ୍କ ହାତୀମାନେ ଖେଳାଇ ଚାଲିଛନ୍ତି। ଦିନବେଳା ହାତୀମାନେ ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଜନବସତି ଏବଂ କ୍ଷେତମୁହାଁ ହେଉଛନ୍ତି। ଫଳରେ ଧାନଫସଲ କ୍ଷତି ହେବା, ଲୋକଙ୍କୁ ମାରିବା ସହିତ ଘର ମଧ ଭାଙ୍ଗୁଛନ୍ତି। ଫଳରେ ସନ୍ଧ୍ୟା ହେଲେ ଏହି ଅଞ୍ଚଳରେ ତାଟି କବାଟ ପଡୁଛି। ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତି ୧୨ ଟା ସମୟ ରେ ପଶ୍ଚିମବଙ୍ଗ ଚନ୍ଦାବିଲା ରେଞ୍ଜର ତପୋବନ ନିକଟରୁ ଆସି ୫୫ ଟିକିଆ ହାତୀପଲ ଆସି ପହଂଚିଛନ୍ତି। ପଶ୍ଚିମବଙ୍ଗନୟାଗ୍ରାମ କଳମା ପୋଖରୀଆ ନିକଟରେ ଆଉ ଏକ ହାତୀପଲ ରହିଛନ୍ତି । ବିଳମ୍ବିତ ରାତି ସମୟ ରେ ବାଲେଶ୍ୱର ଏବଂ ମୟୁରଭଞ୍ଜ ରାସଗୋବିନ୍ଦ ପୁର ଅଞ୍ଚଳ ରୁ କେନ୍ଦୁଖୁଣ୍ଟା ସୀମା ଦେଇ ୫୫ ଟିକିଆ ହାତୀପଲ ଆସି ରାଇବଣିଆ ଅଞ୍ଚଳରେ ପହଞ୍ଚୁଛନ୍ତି। ଏହି ୫୫ ଟିକିଆ ହାତୀପଲକୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ରାଇବଣିଆ ବନ କାର୍ଯ୍ୟାଳୟ ପକ୍ଷରୁ ଫରେଷ୍ଟର ପ୍ରହ୍ଲାଦ ନାୟକ ଏବଂ ଫରେଷ୍ଟର ଦିଲୀପ ସିଂଙ୍କ ସହିତ ଗଜ ସାଥୀଏବଂ ସ୍ଥାନୀୟ ଲୋକ ଙ୍କ ସହାୟତା ରେ ହାତୀ ଗୁଡ଼ିକୁ ଜଙ୍ଗଲ କୁ ଘଉଡାଇ ଥିଲେ। ହାତୀ ପୋଲଟି ଜଙ୍ଗଲ କୁ ଯିବା ସମୟ ରେ ଶ୍ୟାମନଗର ପଞ୍ଚାୟତି ର ଚନ୍ଦ୍ରପୁର, କାନପୁର ଏବଂ ଖୁଆଡ ପଂଚାୟତ ର ପୁରୁଣାପାଣି, ଖୁଆଡ୍ ବରଡିହା ପଂଚାୟତ ର ବାଖୁଡି ପଦା, ନଗେନ୍ଦ୍ର ଘୋଷ, ଲକ୍ଷ୍ମୀନାରାୟଣ ଘୋଷ, ରବୀନ୍ଦ୍ର ଘୋଷ, ସୂର୍ଦଶନ ଘୋଷ, ରବୀନ୍ଦ୍ର ମହାନ୍ତ ପ୍ରମୁଖ ଚାଷୀ ମାନଙ୍କର ଚାଷ ହୋଇଥିବା ଜମି ଗୁଡ଼ିକୁ ଖାଇ ନଷ୍ଟ କରିବା ସହିତ ପାଖରେ ଥିବା ନୁହାପଡା ଜଙ୍ଗଲକୁ ପଳାଇ ଯାଇଥିଲେ ଯାଇଛନ୍ତି। ଏ ନେଇ ଚାଷୀମାନଙ୍କୁ ଜଙ୍ଗଲ ବିଭାଗ ଦ୍ୱାରା ତଦନ୍ତ କରି କ୍ଷତି ପୂରଣ ଯୋଗେଇବାକୁ ଅନୁରୋଧ କରିଛନ୍ତି। ହାତୀ ଗୁଡିକ ଏବେ ମୟୁ ରଭଞ୍ଜ ଜଙ୍ଗଲକୁ ପଳାଇଥିବା ବୋଲି ଫରେଷ୍ଟର ପ୍ରହ୍ଲାଦ ନାୟକ ସୁଚନା ଦେଇଛନ୍ତି।

# ଉତ୍କଳ ଦିବସ ପାଳନ ପ୍ରସ୍ତୁତି ବୈଠକ

ଲଙ୍ଗଳେଶ୍ୱର, ୨୦/୩ (ନି.ପ୍ର): ବାଲିଆପାଳର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସୃଜନିକା, ସାରସ୍ୱତ ସହର ଓ ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ପକ୍ଷରୁ ମିଳିତ ଭାବେ ଆସନ୍ତା ଏପ୍ରିଲ ପହିଲା ଦିନ ଉତ୍କଳ ଦିବସ ପାଳନ କରାଯିବ। ଏଥିରେ ପ୍ରଭାତ ଫେରି, ପଦଯାତ୍ରା, ପଥପ୍ରାନ୍ତ ସଭା, ସାଧାରଣ ସଭା, ମିନି ମାରାଥନ, ବଜେଟ, ଅତିଥି ଚୟନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବାଲିଆପାଳ ବଜାର ପାରୁଲିଆ ଛକ କୁଞ୍ଜକାନ୍ତ ପାତ୍ରଙ୍କ ବାସ ଭବନରେ ବୁଧବାର ଅପରାହ୍ନ ରେ ଏଥି ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସଭାପତି ଅବସର ପ୍ରାପ୍ତ ଅଧ୍ୟାପକ କୁଞ୍ଜକାନ୍ତ ପାତ୍ର ଅଧକ୍ଷତା କରିଥବା ବେଳେ ସୃଜନିକା ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ବାଲିଆପାଳ ପୂର୍ବତନ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଲା, ପୂର୍ବତନ ଏସ ଆଇ ଅଫ ସ୍କୁଲସ୍ ମନ୍ମଥ କୁମାର ସାହୁ,ଡି ଏସ ଟିଭି ଚେନାଲ ମୁଖ୍ୟ ସଦାଶିବ ସେଠୀ, ଆରତୀ ପାତ୍ର,ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ସଭାପତି ସତ୍ୟକାମ ମହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀହରି ମଣ୍ଡଳ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରି ଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida